CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୫୧ ◆ ଭୁବନେଶ୍ୱର ◆ ସୋମବାର ◆ ଅଗଷ୍ଟ ୧୦ରୁ ଅଗଷ୍ଟ ୧୬, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-51 ◆ Bhubaneswar ◆ Monday ◆ August 10 to August 16, 2026 ◆ Page-8 ◆ Price Rs.4.00

## ତ୍ରିରଙ୍ଗା ସ୍ୱାଭିମାନ ଓ ଗୌରବର ପ୍ରତୀକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ୧୯୪୨ ଅଗଷ୍ଟ ୯ରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରୁ ଆରମ୍ଭ ହୋଇଥିବା 'ଭାରତ ଛାଡ଼' ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗଦର୍ଶନ ଦେଇଥିଲା। ଜାତୀୟ ପତାକା 'ତ୍ରିରଙ୍ଗା' କେବଳ ତିନୋଟି ରଙ୍ଗର ସମାହାର ନୁହେଁ, ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ। କେଶରୀ ରଙ୍ଗ ସାହସ ଓ ତ୍ୟାଗ, ଶ୍ୱେତ ରଙ୍ଗ ଶାନ୍ତି ଓ ସତ୍ୟ, ସବୁଜ ରଙ୍ଗ ସମୃଦ୍ଧି ଏବଂ ମଝିରେ ଥିବା ଅଶୋକ ଚକ୍ର ନିରନ୍ତର କର୍ତ୍ତବ୍ୟପଥରେ ଆଗେଇ ଚାଲିବାର ଶିକ୍ଷା ଦିଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ପବିତ୍ର ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଭୁବନେଶ୍ୱରଠାରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି।

ଏହି ଅବସରରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ସହର, ଘର, ବିଦ୍ୟାଳୟ ଓ କାର୍ଯ୍ୟାଳୟରେ ଗୌରବର ସହ ଜାତୀୟ ପତାକା ଉଡ଼ାଇବାକୁ ମୁଖ୍ୟମନ୍ତ୍ରୀ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି। ଏହାଛଡ଼ା ଏହି ପବିତ୍ର ଜାତୀୟ ଉତ୍ସବକୁ ସମ୍ପୂର୍ଣ୍ଣ ପରିବେଶ-ଅନୁକୂଳ କରିବା ପାଇଁ ପ୍ଲାଷ୍ଟିକ୍ ପତାକାକୁ ସମ୍ପୂର୍ଣ୍ଣ ବର୍ଜନ କରି କେବଳ କପଡ଼ା ପତାକା ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ଆହ୍ୱାନ ଦେଇଛନ୍ତି। ଏକ ବର୍ଣ୍ଣାଢ଼୍ୟ ପଦଯାତ୍ରା ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନସିସି



ଏବଂ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ହାତରେ ତ୍ରିରଙ୍ଗା ଧରି ଶୃଙ୍ଖଳିତ ଭାବେ ପଦଯାତ୍ରା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଂସ୍କୃତିକ ଦଳ ନିଜର ପାରମ୍ପରିକ ଲୋକନୃତ୍ୟ ଓ କଳା ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ, ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବିଶିଷ୍ଟ କ୍ରୀଡ଼ାବିତ୍ ଏବଂ ହଜାର ହଜାର ଛାତ୍ରଛାତ୍ରୀ 'ବନ୍ଦେ ମାତରମ୍' ଓ 'ଭାରତ ମାତା କି ଜୟ' ନାରା ଦେଇ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ - ୨୦୪୭' ସଂକଳ୍ପରେ ଓଡ଼ିଶାର ଭୂମିକା ସବୁଠାରୁ ନିର୍ଣ୍ଣାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟର ଚାଷୀ, ଶ୍ରମିକ, ଯୁବକ ଓ ସ୍ୱାବଲମ୍ବୀ ମହିଳାଙ୍କ ଅବଦାନ ଯୋଗୁଁ ଓଡ଼ିଶା ଦେଶର ଆର୍ଥିକ ଓ ଶିଳ୍ପ ବିକାଶର ପ୍ରମୁଖ ଇଞ୍ଜିନ୍ ପାଲଟିବ। ସ୍ୱାଧୀନତା ଦିବସ ଅବସରରେ ଦେଶର ସୁରକ୍ଷାରେ ନିୟୋଜିତ ବୀର ସୈନିକ ଓ ପୋଲିସ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ଗୌରବର ସହ ସମ୍ମାନିତ କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ମଞ୍ଚାସୀନ ଥିଲେ। ଏହା ବ୍ୟତୀତ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଜେପି ଓଡ଼ିଶାର ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ଏବଂ ବିଜେପି ଓଡ଼ିଶା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୋଭାମଣ୍ଡିତ କରିଥିଲେ।ସମାରୋହରେ ଓଡ଼ିଶାର ଗୌରବ ତଥା ଆନ୍ତର୍ଜାତୀୟ ସ୍ତରର ଅନ୍ତରଙ୍ଗ କ୍ରୀଡ଼ାବିତ୍ ପ୍ରମୋଦ ଭଗତ, ଅନୁପମା ସ୍ୱାଇଁ, ସୁନୀଲ ପ୍ରଧାନ, ରବି କୁମାର ଏବଂ କମଳା କାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଯୁବସମାଜ ମଧ୍ୟରେ ଦେଶପ୍ରେମ ଓ ଉତ୍ସାହ ଭରିଦେଇଥିଲେ।

## ହୀରାକୁଦର ୧୨ ଗେଟ୍ ଖୋଲା

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାରେ ବଢ଼ିଛି ବର୍ଷାର ପ୍ରଭାବ। ବିଭିନ୍ନ ଜିଲ୍ଲାରେ ଭୀଷଣ ବର୍ଷା ଯୋଗୁ ନଦୀ ଓ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଚିନ୍ତା ବଢ଼ାଇଛି ମହାନଦୀ। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ସ୍ଥିତିକୁ ଦେଖି କର୍ତ୍ତୃପକ୍ଷ ରବିବାର ଆଉ ୪ଟି ଗେଟ୍ ଖୋଲିଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ମୋଟ୍ ୧୨ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ହୀରାକୁଦ ଜଳଭଣ୍ଡାରକୁ ୨ ଲକ୍ଷ ୨୦ ହଜାର ୭୭୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ୧ ଲକ୍ଷ ୬୪ ହଜାର ୬୦୬ କ୍ୟୁସେକ୍ ଜଳ ଛଡ଼ା ଯାଉଛି ବୋଲି ସୂଚନା ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ଦେଇଛନ୍ତି। ଡ୍ୟାମ୍‌ରୁ ଜଳ ନିଷ୍କାସନ ହେବା ପରେ ତଳମୁଣ୍ଡରେ ମହାନଦୀର ପ୍ରବାହ ଉପରେ ସମସ୍ତଙ୍କର ନଜର ରହିଛି। ଖଇରମାଳରେ ମହାନଦୀର ଜଳସ୍ତର ୧୦୪.୧୪ ମିଟର, ଯେଉଁଠାରେ ବିପଦସୀମା ୧୦୯ ମିଟର। ନରାଜରେ ମହାନଦୀର ଜଳସ୍ତର ୨୫.୩୩ ମିଟର ରହିଛି। ଏଠାରେ ବିପଦସଙ୍କେତ ୨୬.୪୧ ମିଟର । ସେହିପରି ବୈତରଣୀର ଆଖୁଆପଦାଠାରେ ଜଳସ୍ତର ୧୮.୧୨ ମିଟର ରହିଛି। ଏଠାରେ ବିପଦସୀମା ୧୮.୩୩ ମିଟର । ଏଠାରେ ଜଳସ୍ତର ବିପଦସଙ୍କେତଠାରୁ ମାତ୍ର ୦.୨୧ ମିଟର ତଳେ ରହିଛି। ତେଣୁ ବୈତରଣୀର ଏହି ଅଞ୍ଚଳ ଉପରେ ବିଶେଷ ନଜର ରହିଛି।

## ଶିମିଳିପାଳ ଆସିବ ଆଉ ଦୁଇ ବାଘ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାକୁ ଆସିବ ଆଉ ଦୁଇ ବାଘ। ଓଡ଼ିଶା ସରକାରଙ୍କ ବ୍ୟାଘ୍ର ସ୍ଥାନାନ୍ତରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟରେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପକୁ ଆଉ ଦୁଇଟି ବାଘ ଅଣାଯିବା ପାଇଁ ଯୋଜନା କରାଯାଇଛି। ଏଥିପାଇଁ ରାଜ୍ୟ ବନ୍ୟପ୍ରାଣୀ ବିଭାଗ କେନ୍ଦ୍ର ଭାରତ ବିଶେଷକରି ମହାରାଷ୍ଟ୍ର କିମ୍ବା ମଧ୍ୟପ୍ରଦେଶରୁ ଗୋଟିଏ ନର ଓ ଗୋଟିଏ ମାଈ ବାଘଙ୍କୁ ସ୍ଥାନାନ୍ତର କରିବା ପାଇଁ ଆଣିବା ପାଇଁ ଆବଶ୍ୟକ ଅନୁମତି ଲୋଡ଼ିଛନ୍ତି। ଶିମିଳିପାଳରେ ବାଘମାନଙ୍କର ଜିନ୍ ପୁଲ୍ (ଜୈବିକ ବଂଶାନୁକ୍ରମ)ରେ ବିବିଧତା ଆଣିବା ସହ ଏହାର ସ୍ୱତନ୍ତ୍ର କଳାବାଘ (ମେଲାନିଷ୍ଟିକ୍) ସଂରକ୍ଷଣ ପ୍ରକ୍ରିୟାକୁ ଦୀର୍ଘମିଆଦୀ ଭିତ୍ତିରେ ସୁଦୃଢ଼ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

### 'ଜେନ୍-ଜି'ଙ୍କୁ ସିଏମ୍‌ଙ୍କ ପରାମର୍ଶ

## 'ବାହ୍ୟଶକ୍ତିରୁ ଦୂରେଇ ରୁହନ୍ତୁ'

ଭୁବନେଶ୍ୱର,(ଜା.ପ୍ର): ବାହ୍ୟ ଓ ବିଦେଶୀ ଶକ୍ତିଠାରୁ ଦୂରେଇ ରୁହନ୍ତୁ ଓଡ଼ିଶାର 'ଜେନ୍-ଜି' ଯୁବ ଶକ୍ତି। 'ଘରେ ଘରେ ତ୍ରିରଙ୍ଗା' ଅଭିଯାନରେ ଅଭିଭାଷଣ ବେଳେ ରାଜ୍ୟର 'ଜେନ୍-ଜି'ଙ୍କ ଉଦ୍ଦେଶ୍ୟରେ ଏହି ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ, ଏବେ ଡିଜିଟାଲ୍ ଯୁଗରେ ଦେଶ ବାହାରୁ ଯୁବବର୍ଗଙ୍କୁ ଭ୍ରମିତ କରାଯାଉଛି। ସୋସିଆଲ୍ ମିଡିଆର ଅପବ୍ୟବହାର ଓ ନିଶାଦ୍ରବ୍ୟର କୁପ୍ରଭାବ ଯୁବକଙ୍କୁ ପଥଭ୍ରଷ୍ଟ କରୁଛି। ତେଣୁ ଆଜିର ଯୁବବର୍ଗ ବାହ୍ୟଶକ୍ତିରୁ ଦୂରେଇ ରହିବା ଦରକାର। ଦେଶଭକ୍ତି ହିଁ ଆମ ପାଇଁ ସର୍ବପ୍ରଥମ ହେବା ଉଚିତ୍। ଆମମାନଙ୍କର ଏକତା ହିଁ ବାହ୍ୟଶକ୍ତିକୁ ଉଚିତ୍ ଜବାବ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଆଜିର ଡିଜିଟାଲ୍ ଯୁଗରେ ଆମ ଯୁବପିଢ଼ିଙ୍କୁ ବିପଥଗାମୀ କରିବାକୁ କିଛି ବାହ୍ୟ ଶକ୍ତି, ଅଦୃଶ୍ୟ ଶତ୍ରୁ ସକ୍ରିୟ ରହିଛନ୍ତି। ସେହି ଅଦୃଶ୍ୟ କୁଚକ୍ରୀ ଶକ୍ତି କେବେହେଲେ ନିଜ ଉଦ୍ଦେଶ୍ୟରେ ସଫଳ ହେବେ ନହିଁ। ସେମାନଙ୍କ ମାୟାଜାଲରେ ନପଡ଼ି ଦେଶଭକ୍ତିକୁ ପ୍ରଥମ ସ୍ଥାନ ଦେବାକୁ ସେ ପରାମର୍ଶ ଦେଇ ସେ 'ଯୁବଶକ୍ତିର ଏକ ହିଁ ସ୍ୱର - ସୁରକ୍ଷିତ ହେବ ଦେଶ ଆମର!' ନାରା ଦେଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଜେନ୍-ଜି' ଆମର ଶତ୍ରୁ ନୁହନ୍ତି। ସେମାନେ ଆମର ପରମ ମିତ୍ର। ଦେଶର ହିତ ପାଇଁ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଅଛି। ବିକଶିତ ଭାରତରେ ନେତୃତ୍ୱ 'ଜେନ୍-ଜି' ନେବେ। ଯୁବ ଶକ୍ତି ନେବେ। କିଛି ବିଦେଶୀ ଶକ୍ତି ଦ୍ୱାରା କିଛି ଲୋକ ପ୍ରଭାବିତ ହୋଇପାରନ୍ତି। ହେଲେ ସୀମିତ ସମୟ ପାଇଁ । କିନ୍ତୁ ଯେଉଁଠି ଶହୀଦ ଭଗତ ସିଂଙ୍କ ପରି ବ୍ୟକ୍ତି ଯୁବ ବର୍ଗଙ୍କୁ ପ୍ରେରଣା ଦେଇଛି । ତାଙ୍କ ଶକ୍ତି ଆଗରେ କେବେ ବିଦେଶୀ ଶକ୍ତି କାମ ଦେବ ନାହିଁ। ଜେନ୍-ଜିଙ୍କୁ ମୋର ଆହ୍ୱାନ ସେମାନେ ରାଷ୍ଟ୍ର ପାଇଁ କାମ କରନ୍ତୁ। ତାଙ୍କ ହାତରେ ଭାରତକୁ ବିଶ୍ୱ ଗୁରୁ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ହାଇକୋର୍ଟର ୨ ବିଚାରପତିଙ୍କୁ ବଦଳି ପାଇଁ ସୁପାରିସ୍

ଭୁବନେଶ୍ୱର,(ଜା.ପ୍ର): ସୁପ୍ରିମ୍‌କୋର୍ଟ କଲେଜିୟମ୍ ଓଡ଼ିଶା ହାଇକୋର୍ଟର ଦୁଇଜଣ ବିଚାରପତିଙ୍କୁ ଗୁଜରାଟ ଏବଂ ଛତିଶଗଡ଼ ହାଇକୋର୍ଟକୁ ସ୍ଥାନାନ୍ତର (ବଦଳି) କରିବା ପାଇଁ ସୁପାରିସ୍ କରିଛନ୍ତି। କଲେଜିୟମ୍ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଗୁଜରାଟ ହାଇକୋର୍ଟକୁ ବଦଳି କରିବା ପାଇଁ ସୁପାରିସ୍ କରିଛନ୍ତି। ଏହି ସୁପାରିସ୍ ମଞ୍ଜୁର ହେବା ପରେ ଏବଂ ସମସ୍ତ ବଦଳି ପ୍ରକ୍ରିୟା ଶେଷ ହେବା ପରେ ଜଷ୍ଟିସ୍ ପାଠକ ଗୁଜରାଟ ହାଇକୋର୍ଟରେ ନିଜର ବିଚାରପତି ଦାୟିତ୍ୱ ଗ୍ରହଣ କରିବେ। ସେହିପରି ଅନ୍ୟ ଏକ ନିଷ୍ପତ୍ତିକ୍ରମେ, କଲେଜିୟମ୍ ଓଡ଼ିଶା ହାଇକୋର୍ଟର ଅନ୍ୟତମ ବିଚାରପତି ଜଷ୍ଟିସ୍ କୃଷ୍ଣ ରାମ ମହାପାତ୍ରଙ୍କୁ ଛତିଶଗଡ଼ ହାଇକୋର୍ଟକୁ ବଦଳି କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ତେବେ ଏହି ପ୍ରସ୍ତାବିତ ବଦଳି ପ୍ରକ୍ରିୟା ବର୍ତ୍ତମାନ ଚୂଡ଼ାନ୍ତ ହୋଇନାହିଁ।

CMYK

ଜାତୀୟ ଚେତନା
JATIYA CHETANA



# ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ନିଜ ସରକାରୀ ବାସଭବନରେ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପଦକ ବିଜେତାଙ୍କ ସହ ସାକ୍ଷାତ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ଏବଂ ସେମାନଙ୍କ ଉପଲବ୍ଧିର ପ୍ରଶଂସା କରିଛନ୍ତି। ଭାରତୀୟ ଦଳର ଖେଳାଳିମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସହିତ ନିଜ ଅନୁଭବ ବାଣ୍ଟିବା ସହିତ ତାଙ୍କ ସହ ସାକ୍ଷାତକାରକୁ ସ୍ମରଣୀୟ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ପଦକ ବିଜେତାଙ୍କ ଖେଳାଳିମାନଙ୍କ ସହିତ ଏକ ରିଲ୍ ମଧ୍ୟ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର୍ କରିଛନ୍ତି। ୩୨ ସେକେଣ୍ଡ୍‌ର ଏହି ରିଲ୍‌ରେ ତାଙ୍କୁ ସ୍ୱର୍ଣ୍ଣ ପଦକ ବିଜେତା ବକ୍ସର୍ ସାକ୍ଷୀ ଚୌଧୁରୀ ଏବଂ ଅନ୍ୟ ଖେଳାଳିଙ୍କ ସହିତ ଦେଖିବାକୁ ମିଳୁଛି। ଏଥିରେ ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି, 'ଯୋ ଖେଲେଗା, ୱହ ଖିଲେଗା।' ସେ ଆହୁରି କହିଛନ୍ତି- 'ଅଲ୍‌ୱେଜ୍ ଚିୟର୍ ଫର୍ ଭାରତ...ଭାରତ ମାତା କୀ ଜୟ।'

ଗ୍ଲାସ୍‌ଗୋରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ରେ ଭାରତ ମୋଟ ୩୯ ପଦକ ଜିତିଛି। ଏହା ମଧ୍ୟରେ ୧୩ ସ୍ୱର୍ଣ୍ଣ, ୧୭ ରୌପ୍ୟ ଏବଂ ୯ ବ୍ରୋଞ୍ଜ୍ ପଦକ ସାମିଲ। ଏହି ପ୍ରଦର୍ଶନ ସହ ଭାରତ ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହିଥିଲା। ଭାରତର ୩୯ ପଦକ ମଧ୍ୟରେ ସବୁଠୁ ବଡ଼ ଯୋଗଦାନ ବକ୍ସିଂର ରହିଛି। ବକ୍ସର୍‌ମାନେ ୭ ସ୍ୱର୍ଣ୍ଣ ଏବଂ ୩ ରୌପ୍ୟ ସମେତ ମୋଟ ୧୦ ପଦକ ଜିତିଛନ୍ତି। ଆଥ୍‌ଲେଟିକ୍ସରେ ୧୦ ପଦକ ମିଳିଥିଲେ ମଧ୍ୟ ଏଥିରେ ସ୍ୱର୍ଣ୍ଣ ପଦକ ମିଳିନାହିଁ। ଭାରୋତ୍ତୋଳନରେ ୮, ପାରା ଆଥ୍‌ଲେଟିକ୍ସରେ ୬, ଜୁଡ଼ୋରେ ୪ ଏବଂ ପାରା-ପାୱାରଲିଫ୍‌ଟିଂରେ ଗୋଟିଏ ପଦକ ମିଳିଛି। ମୋଟ ୩୯ ପଦକ ମଧ୍ୟରୁ ୩୭ ପଦକ କେବଳ ୫ ଖେଳରୁ ଆସିଛି।

## ଟ୍ରମ୍ପଙ୍କ ୧୫-ସୂତ୍ରୀ 'ଗାଜା' ଶାନ୍ତି ପ୍ରସ୍ତାବକୁ ନେତାନ୍ୟାହୁଙ୍କ ପ୍ରତ୍ୟାଖ୍ୟାନ

# 'ହମାସ୍ ନିରସ୍ତ୍ର ନହେବା ଯାଏ ସୈନ୍ୟ ପ୍ରତ୍ୟାହାର କରାଯିବନି'

ଜେରୁଜେଲମ,(ଏଜେନ୍ସି): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଜା ପାଇଁ ୧୫-ସୂତ୍ରୀ ଶାନ୍ତି ପ୍ରତ୍ୟାଖ୍ୟାନ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ହମାସ୍ ସମ୍ପୂର୍ଣ୍ଣ ଏବଂ 'ପ୍ରକୃତ' ଭାବରେ ନିରସ୍ତ୍ର ନ ହେବା ପର୍ଯ୍ୟନ୍ତ କୌଣସି ସୈନ୍ୟ ପ୍ରତ୍ୟାହାର କରାଯିବ ନାହିଁ। ଟ୍ରମ୍ପଙ୍କ 'ବୋର୍ଡ ଅଫ୍ ପିସ୍' (ଶାନ୍ତି ପରିଷଦ) ଗତ ମାସରେ କହିଥିଲା ଯେ ଗାଜାରେ ହମାସ୍ ଏବଂ ଅନ୍ୟାନ୍ୟ ସଶସ୍ତ୍ର ଗୋଷ୍ଠୀଗୁଡ଼ିକର 'ସମ୍ପୂର୍ଣ୍ଣ ନିରସ୍ତ୍ରୀକରଣ' ପାଇଁ ଏକ ଚୁକ୍ତି ହୋଇଛି। କିନ୍ତୁ ହମାସ୍ କହିଛି ଯେ ନିଜର ଭାରୀ ଅସ୍ତ୍ରଶସ୍ତ୍ର ସମର୍ପଣ କରିବା ଇସ୍ରାଏଲର 'ସମସ୍ତ ପ୍ରକାର ଆକ୍ରମଣ' ବନ୍ଦ କରିବା ଏବଂ ଗାଜାରୁ ନିଜ ସୈନ୍ୟ ପ୍ରତ୍ୟାହାର କରିବା ଉପରେ ନିର୍ଭର କରେ। ଗତ ଅକ୍ଟୋବରରେ ପ୍ରାରମ୍ଭିକ ଯୁଦ୍ଧବିରତିରେ ସମ୍ମତି ପ୍ରକାଶ କରିବା ପରଠାରୁ ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ ଜାରି ରଖିଛି। ରବିବାର କ୍ୟାବିନେଟ୍ ବୈଠକରେ ନେତାନ୍ୟାହୁ କହିଛନ୍ତି, 'ଇସ୍ରାଏଲ୍ ଏହି ୧୫-ଦଫା ବିଶିଷ୍ଟ ନଥିପତ୍ରକୁ ପ୍ରତ୍ୟାଖ୍ୟାନ କରୁଛି।' ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ହମାସ୍ ପ୍ରକୃତରେ ନିରସ୍ତ୍ର ନ ହେବା ପର୍ଯ୍ୟନ୍ତ ଇସ୍ରାଏଲ୍ ସେନା କୌଣସି ପ୍ରତ୍ୟାହାର କରିବ ନାହିଁ ଏବଂ ଆମ ସୈନ୍ୟ ଓ ନାଗରିକଙ୍କ ପ୍ରତି ଥିବା ବିପଦକୁ ପ୍ରତିହତ କରିବା ଜାରି ରଖିବ।'

ଜଣେ ହମାସ୍ ଅଧିକାରୀ ରବିବାର ବିବିସି କୁ କହିଛନ୍ତି ଯେ ସଂଗଠନ ଏହି ଚୁକ୍ତି ପ୍ରତି ନିଜର 'ବଦ୍ଧପରିକରତା ଦୋହରାଉଛି' ଏବଂ ୧୫-ସୂତ୍ରୀ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାରେ 'ଗମ୍ଭୀରତା ଓ ଦାୟିତ୍ୱର ସହ ଜଡ଼ିତ ହେବାକୁ' ପ୍ରସ୍ତୁତ ଅଛି। ସମସ୍ତ ପକ୍ଷ ଯେପରି ସମ୍ମତି ହୋଇଥିବା ସର୍ତ୍ତଗୁଡ଼ିକୁ ପାଳନ କରିବେ, ତାହା ସୁନିଶ୍ଚିତ କରିବାକୁ ସେମାନେ ମଧ୍ୟସ୍ଥମାନଙ୍କୁ ଆହ୍ୱାନ କରିଛନ୍ତି। ଇସ୍ରାଏଲର ଏହି ପ୍ରତ୍ୟାଖ୍ୟାନ ଟ୍ରମ୍ପଙ୍କ ଗାଜା ଶାନ୍ତି ଯୋଜନା ପାଇଁ ଆଉ ଏକ ବଡ଼ ଝଟ୍‌କା, ଯାହା ଗତ ବର୍ଷ ସେପ୍ଟେମ୍ବରରେ





ଘୋଷଣା କରାଯାଇଥିଲା। ଏହି ଯୋଜନାରେ ଚୁକ୍ତିର କାର୍ଯ୍ୟକାରିତା ଉପରେ ନଜର ରଖିବା ପାଇଁ 'ବୋର୍ଡ ଅଫ୍ ପିସ୍' ଗଠନ, ହମାସର ନିରସ୍ତ୍ରୀକରଣ, ଇସ୍ରାଏଲ୍ ସୈନ୍ୟ ପ୍ରତ୍ୟାହାର ଏବଂ ଗାଜାର ପୁନର୍ନିର୍ମାଣ ସାମିଲ ଥିଲା। ଟ୍ରମ୍ପ ଏହାକୁ 'ସ୍ଥାୟୀ ଶାନ୍ତି ଏବଂ ସୁରକ୍ଷା ଆଡ଼କୁ ଏକ ଐତିହାସିକ ପଦକ୍ଷେପ' ବୋଲି ଘୋଷଣା କରିବାର ଗୋଟିଏ ସପ୍ତାହରୁ କିଛି ଅଧିକ ସମୟ ବିତିଯାଇଛି - ଯେଉଁଥିରେ ପ୍ରଥମ ଥର ପାଇଁ ହମାସ ନିଜର ଅସ୍ତ୍ରଶସ୍ତ୍ର ତ୍ୟାଗ କରିବାକୁ ରାଜି ହୋଇଥିଲା, କିନ୍ତୁ ସର୍ତ୍ତ ଥିଲା ଯେ ଇସ୍ରାଏଲ ଗାଜାରୁ ନିଜ ସେନା ପ୍ରତ୍ୟାହାର କରିବ। ରବିବାର ନେତାନ୍ୟାହୁ ସ୍ପଷ୍ଟ କରିଛନ୍ତି ଯେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଏହା ହେବାକୁ ଯାଉନାହିଁ। ସେ କହିଛନ୍ତି ଯେ ହମାସକୁ ପ୍ରଥମେ ଅସ୍ତ୍ରଶସ୍ତ୍ର ତ୍ୟାଗ କରିବାକୁ ପଡ଼ିବ, ଏବଂ ଏହା ମଧ୍ୟ ଯୋଡ଼ିଛନ୍ତି ଯେ ଏହା କୌଣସି 'କାଳ୍ପନିକ ଅସ୍ତ୍ରତ୍ୟାଗ' ହୋଇପାରିବ ନାହିଁ - ଏହା ପ୍ରକୃତ ହେବା ଦରକାର। ବାସ୍ତବତା ହେଉଛି ଯେକୌଣସି ଅସ୍ତ୍ରତ୍ୟାଗ ଏବଂ ଇସ୍ରାଏଲୀ ସେନାର ପ୍ରତ୍ୟାହାର ସମ୍ଭବତଃ ପର୍ଯ୍ୟାୟକ୍ରମେ ହେବା ଆବଶ୍ୟକ। ନେତାନ୍ୟାହୁ କହିଛନ୍ତି ଯେ ସେ ଏବେ ଆଗକୁ କିପରି ବଢ଼ାଯିବ ସେ ବିଷୟରେ ଆମେରିକା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି। 'ସେମାନଙ୍କ ପାଖରେ କିଛି ବିଚାର ଅଛି; ସେଥିମଧ୍ୟରୁ କିଛି ଆମ ପାଇଁ ଗ୍ରହଣଯୋଗ୍ୟ ଏବଂ କିଛି ନୁହେଁ, ଏବଂ ଏହି ମାମଲାଗୁଡ଼ିକରେ କିପରି ନିଜ ଜିଦ୍‌ରେ ଅଟଳ ରହିବାକୁ ହୁଏ ତାହା ଆମକୁ ଜଣାଅଛି,' ବୋଲି ସେ କହିଛନ୍ତି। କିନ୍ତୁ ଇସ୍ରାଏଲ ନିର୍ବାଚନର ମାତ୍ର କିଛି ମାସ ପୂର୍ବରୁ ଏବଂ ଗାଜା ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ନିଜ ଦକ୍ଷିଣପନ୍ଥୀ ମେଣ୍ଟର ସଦସ୍ୟଙ୍କ ଚାପରେ ଥିବାରୁ, ସେ କୌଣସି କୋହଳ ମନୋଭାବ ଦେଖାଇବାକୁ ଚାହିଁବେ ନାହିଁ। ସେ ମେଣ୍ଟର ଅତି-ଦକ୍ଷିଣପନ୍ଥୀ ଗୋଷ୍ଠୀଗୁଡ଼ିକରୁ ନୂତନ କ୍ୟାବିନେଟ ଭୋଟ ଆୟୋଜନ କରିବା ଏବଂ ଗାଜା ଯୋଜନାକୁ ଶେଷ କରିବା ପାଇଁ ଦାବିର ସାମ୍ନା କରୁଛନ୍ତି, ଯେଉଁଥିରେ ଜାତୀୟ ସୁରକ୍ଷା ମନ୍ତ୍ରୀ ଇତାମାର ବେନ୍ ଗଭୀର ମଧ୍ୟ ସାମିଲ ଅଛନ୍ତି, ଯିଏ ଏହି ଚିଠାକୁ 'ଅଗ୍ରହଣୀୟ' ବୋଲି ପ୍ରତ୍ୟାଖ୍ୟାନ କରିଛନ୍ତି। ସଂଯୁକ୍ତ ରାଷ୍ଟ୍ର ଅନୁଯାୟୀ, ଗାଜାରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ପ୍ରାୟ ୧.୯ ନିୟୁତ ଲୋକ - ଗାଜାର ମୋଟ ଜନସଂଖ୍ୟାର ୯୦% - ଏହି ଅଞ୍ଚଳରେ ବିସ୍ଥାପିତ ହୋଇସାରିଛନ୍ତି। ୭ ଅକ୍ଟୋବର ୨୦୨୩ରେ ଦକ୍ଷିଣ ଇସ୍ରାଏଲ ଉପରେ ହମାସ ନେତୃତ୍ୱାଧୀନ ଆକ୍ରମଣ ଦ୍ୱାରା ଏହି ଯୁଦ୍ଧ ଆରମ୍ଭ ହୋଇଥିଲା, ଯେଉଁଥିରେ ପ୍ରାୟ ୧,୨୦୦ ଲୋକ ନିହତ ହୋଇଥିଲେ ଏବଂ ଅନ୍ୟ ୨୫୧ ଜଣଙ୍କୁ ବନ୍ଦୀ କରି ନିଆଯାଇଥିଲା।

# ମମତାଙ୍କ ଗାଡ଼ିକୁ କାଦୁଅ ଓ ଜୋତା ମାଡ଼

କୋଲକାତା,(ଏଜେନ୍ସି): ପୁଲିସ ହାଜତରେ ପ୍ରାଣ ହରାଇଥିବା ତୃଣମୂଳ କଂଗ୍ରେସ (ଟିଏମସି) କର୍ମୀଙ୍କ ପରିବାରକୁ ଭେଟିବାକୁ ଯାଉଥିବା ବେଳେ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ହାଲିସହରଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରବଳ ଜନଆକ୍ରୋଶର ସମ୍ମୁଖୀନ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ ତାଙ୍କ ଗାଡ଼ିକୁ ଘେରି ରହିବା ସହ 'ଚୋର' ଓ 'ଡକାୟତ ରାନୀ' ନାରାବାଜି କରିଥିଲେ। ଏପରିକି ତାଙ୍କ ଯାନବାହନକୁ ଲକ୍ଷ୍ୟ କରି କାଦୁଅ, ପଥର ଓ ଜୋତା ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ମମତା ବାନାର୍ଜୀ କହିଛନ୍ତି, 'ପୁଲିସର ଉପସ୍ଥିତିରେ ମୋ ଗାଡ଼ି ଉପରକୁ ଇଟା, ପଥର, ଜୋତା ଓ କାଦୁଅ ଫୋପଡ଼ା ଯାଇଛି। ଗାଡ଼ିର କାଚ ବନ୍ଦ ନଥିଲେ ମୋର ଜୀବନ ଚାଲିଯାଇଥାନ୍ତା। ମୋ ଜୀବନରେ ମୁଁ ଏପରି ଆକ୍ରମଣ କେବେ ଦେଖିନଥିଲି। ପୁଲିସ ମୁକଦର୍ଶକ ସାଜି ସବୁ ଦେଖୁଥିଲା, କାହାକୁ



ଅଟକାଇବାକୁ ଚେଷ୍ଟା କରିନଥିଲା।'

ସ୍ଥାନୀୟ ପୁଲିସ ଉପରୁ ବିଶ୍ୱାସ ଉଠିଯାଇଛି ବୋଲି ପ୍ରକାଶ କରି ମମତା ଆହୁରି କହିଛନ୍ତି ଯେ ପ୍ରଶାସନର କିଛି ବରିଷ୍ଠ ଅଧିକାରୀ ଅପରାଧୀଙ୍କୁ ଛତ୍ରଛାୟା ଯୋଗାଉଛନ୍ତି। ଏହା ଏକ ହାଜତ ମୃତ୍ୟୁ ମାମଲା ଏବଂ ଗୃହମନ୍ତ୍ରୀ ଏଥିପାଇଁ ସିଧାସଳଖ ଦାୟୀ। ସେ ସୁରକ୍ଷା ଓ ନ୍ୟାୟ ଦାବି ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି। ମମତାଙ୍କ ଅଭିଯୋଗର ପ୍ରତ୍ୟୁତ୍ତରରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ଘଟଣାସ୍ଥଳରେ କୌଣସି ବିଜେପି କର୍ମୀ ନଥିଲେ, ଏହା ଥିଲା ସାଧାରଣ ଜନତାଙ୍କ ଆକ୍ରୋଶ। ସେ କହିଛନ୍ତି, 'ମୃତକଙ୍କ ପରିବାର ଲୋକେ କହୁଛନ୍ତି ଯେ ସେମାନେ ମମତାଙ୍କୁ ଡାକିନଥିଲେ। ପରିବାର ପ୍ରଶାସନ ଓ ପୁଲିସର ତଦନ୍ତରେ ସନ୍ତୁଷ୍ଟ ଅଛନ୍ତି। ମମତା ବାନାର୍ଜୀ ବିନା ପୁଲିସ ସୂଚନାରେ ଆଇନଜୀବୀଙ୍କୁ ସାଙ୍ଗରେ ନେଇ କେବଳ ରାଜନୀତି କରିବାକୁ ସେଠାକୁ ଯାଇଥିଲେ।' ସେ ଆହୁରି କହିଛନ୍ତି, 'ମମତା ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ନେତ୍ରୀ ହୋଇଥିବାରୁ ପୁଲିସ ତାଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦେଇଛି। ପୁଲିସ ନିଜର କାର୍ଯ୍ୟ ଠିକ୍‌ଭାବେ କରିଛି। ଆପଣ ଯେତେବେଳେ ପ୍ରଚୁର ଦୁର୍ନୀତି କରିଛନ୍ତି, 'ଚୋର' ଶବ୍ଦ ଶୁଣିବାକୁ ପଡ଼ିବ। ଏଣିକି ହେଲିକପ୍ଟରରେ ବ୍ୟବହାର ହେଉଥିବା 'ନୋଏଜ୍ କ୍ୟାନ୍‌ସେଲେସନ୍' ସେଟ୍ ପିନ୍ଧି ବୁଲନ୍ତୁ, ଯାହାଦ୍ୱାରା ଶବ୍ଦ ଶୁଣାଯିବ ନାହିଁ।'

# ଆର. ଜି. କର ମାମଲାର ପୁନଃ ତଦନ୍ତ ନିର୍ଦ୍ଦେଶ

କୋଲକାତା,(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଦୁଇ ବର୍ଷ ତଳେ ଆଜିର ଦିନ (ଅଗଷ୍ଟ ୯, ୨୦୨୪)ରେ କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ୩୧ ବର୍ଷୀୟ କନିଷ୍ଠ ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣାର ପୁନଃ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେତେବେଳେ ପଶ୍ଚିମବଙ୍ଗର ଏହି ଲଜ୍ଜାଜନକ ତଥା ଲୋମହର୍ଷକ ଘଟଣା ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା। ପଶ୍ଚିମବଙ୍ଗରେ ସରକାର ବଦଳିବା ପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଚର୍ଚ୍ଚିତ ଦୁଷ୍କର୍ମ ଓ ହତ୍ୟା ଘଟଣାର ପୁନଃ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ଡାକ୍ତରଙ୍କ ମା' ରତ୍ନା ଦେବନାଥ ବର୍ତ୍ତମାନ ବିଜେପି ବିଧାୟିକା ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଝିଅ ସହିତ ହୋଇଥିବା ଅମାନବୀୟ ଘଟଣାର ପୁନଃ ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ମୁଖ୍ୟ ସଚିବ ଓ ବିଶେଷଜ୍ଞଙ୍କ ଏକ ଦଳ ସହିତ ବ୍ୟାପକ ଆଲୋଚନା ପରେ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର କମିଶନ ଆଇନ, ୧୯୫୨ ଅନୁଯାୟୀ ନୂତନ ଭାବେ ତଦନ୍ତ କରିବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଅଭିଯୋଗ କରିଛନ୍ତି ଯେ, ପୁଲିସ ଏହି ମାମଲାରେ ସଠିକ୍ ଭାବରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିଲା। ମୁଖ୍ୟମନ୍ତ୍ରୀ ପୀଡିତାଙ୍କ ଶବଦାହ ସମୟରେ ହୋଇଥିବା ଅଭିଯୋଗର ପୃଥକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଓ ଦାୟୀ ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ମୃତଦେହ ଶେଷକୃତ୍ୟ ପାଇଁ ଶ୍ମଶାନକୁ ନିଆଯିବା ସମୟରେ ସେଠାରେ କ'ଣ ଘଟିଥିଲା, ସେ ନେଇ ଯାଞ୍ଚ କରିବାକୁ ସେ ବାରାକପୁର ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜାତୀୟ ଚେତନା
JATIYA CHETANA



# ନାରୀ ସଶକ୍ତିକରଣର ପ୍ରତୀକ ହେଉଛନ୍ତି ସରଳା ଦେବୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ବିଧାନସଭା ପାର୍ଶ୍ୱରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପ୍ରଥମ ମହିଳା ବିଧାୟିକା ସରଳା ଦେବୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରଳା ଦେବୀଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ କରିବା ସହ ନିଜର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, 'ନାରୀ ସଶକ୍ତିକରଣ ଏବଂ ଓଡ଼ିଶାର ସାମାଜିକ ଓ ରାଜନୈତିକ ଜାଗରଣର ପ୍ରତୀକ ସରଳା ଦେବୀଙ୍କର ଆଜି ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ କରାଯାଇଛି। ସରଳା ଦେବୀ ଓଡ଼ିଶାର କେବଳ ପ୍ରଥମ ମହିଳା ବିଧାୟିକା ନଥିଲେ, ବରଂ ସ୍ୱାଧୀନତା ସଂଗ୍ରାମ ଓ ମହିଳା ମାନଙ୍କ ଅଧିକାର ପ୍ରଦାନ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ଓଡିଶାରେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ। ବିଧାୟିକା ଭାବେ ସରଳା ଦେବୀ ନାରୀ ଶିକ୍ଷା ଓ ମହିଳା ମାନଙ୍କର ସାମାଜିକ ସୁରକ୍ଷା ପାଇଁ କାର୍ଯ୍ୟ କରିଥିଲେ। ସରଳା ଦେବୀଙ୍କ ପରି ମହାନ ବିପ୍ଳବୀଙ୍କ ତ୍ୟାଗ ଓ ସେବା ମନୋଭାବ ଆମକୁ ସଦାସର୍ବଦା ନିଷ୍ଠାର ସହ ଜନସେବା କରିବାକୁ ପ୍ରେରଣା ଦେଇ ଆସୁଛି' ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ଶାସନ ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଉପ ନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ଉପ ନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ସରଳା ଦେବୀଙ୍କ ସ୍ମୃତିଚାରଣ କରିଥିଲେ।

# 'ରାଜ୍ୟର ୨୦ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ବାସଗୃହ'

ଭୁବନେଶ୍ୱର,(ଜା.ପ୍ର): ଆଗାମୀ ଦିନରେ ରାଜ୍ୟର ୨୦ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଏଜିଜେ ଅନ୍ତୋଦୟ ଗୃହ ଯୋଜନାରେ ମିଳିବ ବାସଗୃହ। ବର୍ତ୍ତମାନ ସୁଦ୍ଧା ଅଢେଇ ଲକ୍ଷ ଲୋକଙ୍କୁ ଘର ମିଳି ସାରିଛି। ଏହା ସହ ରାଜ୍ୟ ସରକାର ମଧ୍ୟ ୫ ଲକ୍ଷ ହିତାଧିକାରୀଙ୍କୁ ଅନ୍ତୋଦୟ ଯୋଜନାରେ ବାସଗୃହ ଯୋଗେଇ ଦେବା ନେଇ କହିଛନ୍ତି ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ। ଆଜି ସମ୍ବଲପୁରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ ପୂର୍ବ ସରକାର ଗଲା ପରେ ପିଏମ ଆବାସ ଯୋଜନା ନେଇ ଆମ ପାଖରେ ହିତାଧିକାରୀଙ୍କ କୌଣସି ତାଲିକା ନଥିଲା। ଏଥିପାଇଁ ଆମ ସରକାର ଆସିଲା ପରେ ଆମେ ସର୍ଭେ କରେଇଲୁ। ବର୍ତ୍ତମାନ ଆମେ ୩୭ ଲକ୍ଷ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିଛୁ। ଆମେ ପ୍ରାଥମିକ ସର୍ଭେ ପରେ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ତାଲିକା ଲଗେଇଛୁ। ଆଗକୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପିଏମ ଆବାସ ଯୋଜନାରେ ବାସଗୃହ ଯୋଗେଇ ଦିଆଯିବ।

# ଭୂସ୍ଖଳନ: ସୃଷ୍ଟି ହେଲା ୧୦ ଫୁଟ ଗର୍ତ୍ତ

ଭୁବନେଶ୍ୱର,(ଜା.ପ୍ର): ଗଞ୍ଜାମ-କନ୍ଧମାଳ ଜିଲ୍ଲା ସୀମାରେ ଥିବା କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ ଅନ୍ତର୍ଗତ ଡେପାଗୁଡ଼ା ଗ୍ରାମରେ ଭୂସ୍ଖଳନ ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି। ଗ୍ରାମରେ ହଠାତ୍ ମାଟି ଦବିଯାଇ ୧୦ ଫୁଟରୁ ଊର୍ଦ୍ଧ୍ୱ ଗଭୀର ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଘଟଣା ପରେ ଶନିବାର ପ୍ରଶାସନିକ ଅଧିକାରୀ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁସାରେ, ଶୁକ୍ରବାର ଗ୍ରାମର କିଛି ଶିଶୁ ଦାଣ୍ଡରେ ଖେଳୁଥିଲେ। ହଠାତ୍ ସେମାନଙ୍କ ଆଖି ଆଗରେ ଏକ ସ୍ଥାନର ମାଟି ଧିରେ ଧିରେ ତଳକୁ ଦବିବାକୁ ଲାଗିଥିଲା। କିଛି ସମୟ ମଧ୍ୟରେ ସେଠାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଯାଇଥିଲା। ଏଭଳି ଅପ୍ରତ୍ୟାଶିତ ଘଟଣା ଦେଖି ଶିଶୁମାନେ ଭୟଭୀତ ହୋଇ ସେଠାରୁ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଘଟଣାସ୍ଥଳରେ କିଛି ଦିନ ପୂର୍ବରୁ ଏକ ଛୋଟ ଗର୍ତ୍ତ ହୋଇଥିଲା। ତାହା ଧିରେ ଧିରେ ବଡ଼ ହେଉଥିବା ବେଳେ ଶୁକ୍ରବାର ହଠାତ୍ ମାଟି ଦବିଯାଇ ଗର୍ତ୍ତର ଆକାର ବଢ଼ିଯାଇଥିଲା। ଗ୍ରାମବାସୀଙ୍କ ସୂଚନା ଅନୁସାରେ, ପୂର୍ବରୁ ଏହି ସ୍ଥାନରେ ଏକ ନାଳ ଥିଲା। ପରବର୍ତ୍ତୀ ସମୟରେ ନାଳଟି ପୋତି ହୋଇଯାଇଥିଲା। ବର୍ତ୍ତମାନ ଲଗାଣ ବର୍ଷା ଯୋଗୁ ମାଟି ତଳେ ପାଣିର ପ୍ରବାହ କିମ୍ବା ମାଟି ଦୁର୍ବଳ ହୋଇଥିବା କାରଣରୁ ଏଭଳି ଘଟଣା ଘଟିଥାଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି। ତେବେ ଏହା ପ୍ରଥମ ଘଟଣା ନୁହେଁ। କିଛି ବର୍ଷ ପୂର୍ବେ ମଧ୍ୟ ଡେପାଗୁଡ଼ା ଗ୍ରାମରେ ଏଭଳି ମାଟି ଦବିବା ଘଟଣା ଘଟିଥିଲା। ସେତେବେଳେ ବୈଜ୍ଞାନିକମାନେ ଗ୍ରାମକୁ ଆସି ମାଟିର ନମୁନା ପରୀକ୍ଷା କରି ଫେରିଥିଲେ। ମାତ୍ର ସେହି ପରୀକ୍ଷାର ରିପୋର୍ଟ କ'ଣ ଆସିଥିଲା ଏବଂ ଏହାର କାରଣ କ'ଣ ଥିଲା, ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ପୁଣିଥରେ ଏଭଳି ଘଟଣା ଘଟିବା ପରେ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି। ବିଶେଷକରି ଗ୍ରାମରେ ଶିଶୁମାନଙ୍କ ଯାତାୟାତ ଓ ସୁରକ୍ଷାକୁ ନେଇ ଅଭିଭାବକମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ଭୂସ୍ଖଳନର ପ୍ରକୃତ କାରଣ ଜାଣିବା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ମାଟିର ବୈଜ୍ଞାନିକ ପରୀକ୍ଷା କରାଯିବା ସହ ଆବଶ୍ୟକ ସୁରକ୍ଷା ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସ୍ୱଭାବ କବିଙ୍କ ଜୟନ୍ତୀରେ ଶ୍ରଦ୍ଧାସୁମନ

ଭୁବନେଶ୍ୱର,(ଜା.ପ୍ର): ସ୍ୱଭାବ କବି ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟିରାଜି ଆମ ଓଡ଼ିଆ ଅସ୍ମିତା ଓ ଜାତୀୟ ଚେତନାର ପ୍ରତୀକ। ତାଙ୍କର ପ୍ରକୃତିପ୍ରେମୀ ଓ ମାନବବାଦୀ ସାହିତ୍ୟ ଆଜି ବି ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟକୁ ସ୍ପର୍ଶ କରେ। ସ୍ୱଭାବ କବିଙ୍କ ସାହିତ୍ୟ କୃତି ଭବିଷ୍ୟତ ପିଢ଼ି ଓ ଯୁବ ବର୍ଗଙ୍କ ପାଇଁ ମାର୍ଗଦର୍ଶକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସ୍ୱଭାବ କବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, 'ଓଡ଼ିଆ ସାହିତ୍ୟ ଜଗତର ଅମର ସାଧକ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ରଚିତ 'ତପସ୍ୱିନୀ', 'ଇନ୍ଦୁମତୀ' ଆଦି କବିତା ଓଡ଼ିଆ ସାହିତ୍ୟ ଜଗତକୁ ରଙ୍ଗିମନ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ବିଧାୟକ ବାବୁ ସିଂ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ଶାସନ ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଉପ ନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିଚାରଣ କରିଥିଲେ।

# 'ଧାନ କିଣା ପଞ୍ଜୀକରଣରେ କୌଣସି ଜଟିଳତା ନାହିଁ'

ଭୁବନେଶ୍ୱର,(ଜା.ପ୍ର): ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ ଜଟିଳତା ଅଭିଯୋଗକୁ ଖଣ୍ଡନ କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି ଯେ ସରକାର୍ ଚାଷୀଙ୍କ ସହ ଅଛନ୍ତି। ପଞ୍ଜୀକରଣ ପ୍ରକ୍ରିୟାରେ କୌଣସି ଜଟିଳତା ନାହିଁ। ଆଜି ସୁଦ୍ଧା ରାଜ୍ୟରେ ମୋଟ ୫ ହଜାର ୯୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସେଥି ମଧ୍ୟରୁ ୩ ହଜାର ୧୦୮ ଜଣଙ୍କର ଆଗ୍ରିଷ୍ଟେକ୍ ଆଇଡି ବା କୃଷକ ପଞ୍ଜୀକରଣ ଆଇଡି ରହିଛି। ପଞ୍ଜୀକରଣରେ ଆଗ୍ରିଷ୍ଟେକ୍ ଆଇଡିର କୌଣସି ଆବଶ୍ୟକତା ନାହିଁ। ବିନା ଆଗ୍ରିଷ୍ଟେକ୍ ଆଇଡିରେ ମଧ୍ୟ ଚାଷୀ ପଞ୍ଜିକରଣ କରିପାରିବ। ଧାନ ଟୋକନ ସଂଗ୍ରହ ପୂର୍ବରୁ କୃଷି ବିଭାଗର ଏହି ଆଗ୍ରିଷ୍ଟେକ୍ ଆଇଡି ଆବଶ୍ୟକ। ସେମିତି କାର୍ଯ୍ୟାଳୟରେ ପଞ୍ଜୀକରଣ ସମୟରେ ଆଗ୍ରିଷ୍ଟେକ୍ ଆଇଡି ରେଜିଷ୍ଟର କରିପାରିବେ ଚାଷୀ। ଜମି ପଟ୍ଟାର ଆର୍‌ଓଆର ଦେଲେ ଦୁଇ ଦିନ ଭିତରେ ଆଇଡି ମିଳିଯିବ। ସେହିପରି ଭାଗ ଚାଷୀଙ୍କ ପାଇଁ ମଧ୍ୟ କୌଣସି ଜଟିଳତା ନାହିଁ। ଆବଶ୍ୟକ କାଗଜ ପାତ୍ର ଦାଖଲ କଲେ ପଞ୍ଜୀକରଣ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, 'ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ। ସରକାର୍ ସମସ୍ତ ଚାଷୀଙ୍କଠୁ ଧାନ ସଂଗ୍ରହ କରିବେ। ଗତ ଖରିଫରେ ସରକାର ୭୮ ଲକ୍ଷ ଏବଂ ରବିରେ ୨୦ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ କରିଥିଲେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

**ଆଇଆଇଆର୍‌ଏଫ୍ ରାଙ୍କିଂ -୨୦୨୬**

# ୧୫ତମ ସ୍ଥାନରେ ଏସ୍‌ସିବି, ଭିମ୍‌ସାର ୬୪ତମ, ଏମ୍‌କେସିଜି ୭୪ତମ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ଚିକିତ୍ସା ଶିକ୍ଷା, ଗବେଷଣା ଓ ଉତ୍ତମ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ପାଇଁ ଆସିଛି ଏକ ଗୌରବମୟ ସଫଳତା। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁସନାଲ ରାଙ୍କିଂ ଫ୍ରେମ୍‌ୱାର୍କ (ଆଇଆଇଆର୍‌ଏଫ୍-୨୦୨୬ରେ ରାଜ୍ୟର ତିନି ପ୍ରମୁଖ ସରକାରୀ ମେଡିକାଲ କଲେଜ ଉଲ୍ଲେଖନୀୟ ସ୍ଥାନ ହାସଲ କରିଛନ୍ତି। କଟକସ୍ଥିତ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ ୧୫ତମ ସ୍ଥାନ, ବୁର୍ଲାସ୍ଥିତ ଭିମସାର ୬୪ତମ ସ୍ଥାନ ଏବଂ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ୭୪ତମ ସ୍ଥାନ ହାସଲ କରିଛି। ପ୍ରଥମ ଥର ପାଇଁ ଓଡ଼ିଶାର ଏକ ସରକାରୀ ମେଡିକାଲ କଲେଜ ଏହାର ଏମ୍ସ ସମକକ୍ଷ ଏମ୍ସ ଭୁବନେଶ୍ୱରକୁ ପଛରେ ପକାଇ ଏହି ରାଙ୍କିଂରେ ଆଗରେ ରହିଛି। ଏସସିବି ୧୫ତମ ସ୍ଥାନରେ ଥିବାବେଳେ ୧୬ତମ ସ୍ଥାନରେ ଏମ୍ସ ଭୁବନେଶ୍ୱର ଅଛି। ଏହା ରାଜ୍ୟର ସରକାରୀ ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ବଢ଼ୁଥିବା ଗୁଣାତ୍ମକ ମାନର ପ୍ରମାଣ। ଏହି ସଫଳତା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ସ୍ଥାନ ପାଇଥିବା ମେଡିକାଲ କଲେଜର ସମସ୍ତ ଡାକ୍ତର, ଶିକ୍ଷକ, ଛାତ୍ରଛାତ୍ରୀ, ନର୍ସିଂ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ପ୍ରଶାସନିକ ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ, 'ଏହି ରାଙ୍କିଂ ଆମ ପାଇଁ କେବଳ ଏକ ସଫଳତା ନୁହେଁ, ବରଂ ଓଡ଼ିଶାର ସରକାରୀ ମେଡିକାଲ କଲେଜଗୁଡ଼ିକୁ ଜାତୀୟସ୍ତରରେ ଆହୁରି ଉଚ୍ଚ ସ୍ଥାନକୁ ନେବା ପାଇଁ ଏକ ପ୍ରେରଣା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଚିକିତ୍ସା ଶିକ୍ଷା, ଗବେଷଣା, ଆଧୁନିକ ଭିତ୍ତିଭୂମି ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଦିଗରେ ନିରନ୍ତର ପ୍ରୟାସରତ ଏବଂ ଏହି ଧାରା ଆଗକୁ ମଧ୍ୟ ଜାରି ରହିବ ବୋଲି ସେ କହିଛନ୍ତି।

# ଶତ୍ରୁଜିତଙ୍କ କବିତା ସଙ୍କଳନ 'ପ୍ରେମ ହେଇଯାଏ' ଉନ୍ମୋଚିତ



ଭୁବନେଶ୍ୱର,(ଜା.ପ୍ର): ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ଶତ୍ରୁଜିତଙ୍କ ନୂତନ କବିତା ସଙ୍କଳନ 'ପ୍ରେମ ହେଇଯାଏ' ରବିବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଛି। ଅଗ୍ରଣୀ ପ୍ରକାଶନୀ ସଂସ୍ଥା ଟାଇମ୍ ପାସ୍ ଏହାର ପ୍ରକାଶକ। ରବିବାର ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଟାଇମ ପାସ୍ ସଂସ୍ଥାର ମୁଖ୍ୟ ବରିଷ୍ଠ ସାହିତ୍ୟିକ ସରୋଜ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ବହି ବର୍ଷା' କାର୍ଯ୍ୟକ୍ରମରେ ଅନ୍ୟ ୧୩ ଲେଖକଙ୍କ ପୁସ୍ତକ ସହିତ ଶତ୍ରୁଜିତଙ୍କ କବିତା ସଙ୍କଳନ ଉନ୍ମୋଚିତ ହୋଇଥିଲା। ବରିଷ୍ଠ ସାହିତ୍ୟିକା ହିରଣ୍ମୟୀ ମିଶ୍ର, କବି ଓ ଗାଳ୍ପିକ ଶୈଳେନ୍ଦ୍ର କୁମାର ଜେନା ଏବଂ ଶତ୍ରୁଜିତଙ୍କ ତାରୁଣ୍ୟର ବନ୍ଧୁ ତଥା ପୁସ୍ତକ ପ୍ରେମୀ ଜଗଦୀଶ ନନ୍ଦ ପ୍ରମୁଖ ମିଳିତ ଭାବେ ପ୍ରେମ ହେଇଯାଏ ପୁସ୍ତକର ଉନ୍ମୋଚନ କରିଥିଲେ। ପରେ ଅନୁଷ୍ଠିତ ଅଭିନବ ନିଲାମ ପ୍ରକ୍ରିୟାରେ ବରିଷ୍ଠ କବି କମଳ କୁମାର ମହାନ୍ତି ପ୍ରଥମ ଗ୍ରାହକ ହୋଇ ଅଢ଼େଇ ଗୁଣ ଦରରେ ପୁସ୍ତକଟିକୁ କିଣିଥିଲେ। ସୂଚନାଯୋଗ୍ୟ ଯେ, ଏହା ଶତ୍ରୁଜିତଙ୍କ ଦ୍ୱାଦଶ ପୁସ୍ତକ ଓ ତୃତୀୟ କବିତା ସଙ୍କଳନ।

ଜାତୀୟ ଚେତନା
JATIYA CHETANA

# ବ୍ୟବସ୍ଥାର ବ୍ୟବସାୟ

ଜୁଲାଇ ଶେଷ ଭାଗରେ ଓଡ଼ିଶାରେ ଦେଖାଦେଇଥିବା ଭୀଷଣ ବନ୍ୟାର ପ୍ରକୋପ ଏବେ ଧୀରେ ଧୀରେ କମିବାରେ ଲାଗିଛି। ଗଣମାଧ୍ୟମର ଶିରୋନାମାରୁ ଏହି ଖବର ହଜିବା ଆରମ୍ଭ କଲାଣି ଏବଂ ସରକାର ମଧ୍ୟ ନିଜର ଆନୁଷ୍ଠାନିକ କର୍ତ୍ତବ୍ୟ ଶେଷ କରି ପ୍ରାରମ୍ଭିକ କ୍ଷୟକ୍ଷତି ସହାୟତା ଘୋଷଣା କରିସାରିଛନ୍ତି। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଅନ୍ୟାନ୍ୟ ବିପର୍ଯ୍ୟୟ ଭଳି ଏହି ପ୍ରସଙ୍ଗଟି ମଧ୍ୟ ସରକାରଙ୍କ ପ୍ରାଥମିକତା ପୃଷ୍ଠାରୁ ହଟିଯିବ। ପ୍ରଭାବିତ ଲୋକଙ୍କ ଆଖିର ଲୁହ ଶୁଖିନଥିବା ବେଳେ ଏହି ବନ୍ୟା ଯନ୍ତ୍ରଣା ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ଇତିହାସର ଆଉ ଏକ କଳା ପୃଷ୍ଠା ହୋଇ ରହିଯିବ। କିନ୍ତୁ ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠୁଛି- ଏହି ବନ୍ୟାକୁ କ'ଣ ଏଡ଼ାଇ ଦିଆଯାଇପାରିନଥାନ୍ତା ? ଆମ ଶାସନ ଓ ପ୍ରଶାସନିକ ବ୍ୟବସ୍ଥା ଆଉ କେତେ ବିପର୍ଯ୍ୟୟ ସାମ୍ନା କଲେ ଶିକ୍ଷା ଲାଭ କରିବ ?

୧ ୯ ୯ ୯ ମହାବାତ୍ୟା ପରଠାରୁ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କିଛି ମାତ୍ରାରେ ଅଗ୍ରଗତି କରିଛି ଏବଂ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ମଧ୍ୟ ହୋଇଛି। ମାତ୍ର ବାସ୍ତବ ଚିତ୍ର ହେଉଛି, ସରକାରୀ ଆନ୍ତରିକତା କେବଳ କାଗଜପତ୍ର, ନୀତି ଘୋଷଣା ଓ ଭାଷଣ ମଧ୍ୟରେ ସୀମିତ ରହିଯାଉଛି। ସରକାର ଯେଉଁ ରିଲିଫ୍ ଓ ସାମୟିକ ସହାୟତା ବାଣ୍ଟୁଛନ୍ତି, ତାହା କେବଳ କ୍ଷତ ଉପରେ ସାମୟିକ ମଲମ ଲଗାଇପାରେ, କିନ୍ତୁ ଜଳଯନ୍ତ୍ରଣାର ଅସଲ କାରଣକୁ ଦୂର କରିପାରିବ ନାହିଁ। ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଭଳି ପ୍ରମୁଖ ନଦୀଗୁଡ଼ିକ ପୁଣିଥରେ ଗାଁ, ସ୍କୁଲ ଓ ଚାଷଜମିକୁ ଗିଳି ପକାଇବା ଫଳରେ ରାଜ୍ୟର ଜୀବନ, ଜୀବିକା ଓ ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡ଼ିଛି। ଫସଲ ହାନି ଯୋଗୁଁ ରାଜ୍ୟର ଅଭିବୃଦ୍ଧି ହାର କ୍ଷତିଗ୍ରସ୍ତ ହେବା ସହ ଅନେକ ପରିବାର ପୁଣିଥରେ ଦାରିଦ୍ର୍ୟ ସୀମାରେଖା ତଳକୁ ଖସିଯାଇଛନ୍ତି। ବନ୍ୟାକୁ କେବଳ 'ପ୍ରକୃତିର କ୍ରୋଧ' ବୋଲି କହି ପ୍ରଶାସନ ନିଜ ଦାୟିତ୍ୱରୁ ଖସିଯାଇପାରିବ ନାହିଁ। ଏହା ହେଉଛି ସରକାରୀ ଯୋଜନାର ଅଭାବ, ନଦୀପଥରେ ପଟୁମାଟି ଜମିବା, ଅନିୟନ୍ତ୍ରିତ ନଗରୀକରଣ ଏବଂ ଜଳ ସମ୍ପଦ, ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗର ସମ୍ପୂର୍ଣ୍ଣ ଦୂରଦୃଷ୍ଟିହୀନତାର ପରିଣାମ। ଓଡ଼ିଶାର ପ୍ରାୟ ୧ ୧ .୮ ୭ ପ୍ରତିଶତ ବସତି ଅତି ବନ୍ୟା ସମ୍ବେଦନଶୀଳ। ସେହିପରି ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ବାଲେଶ୍ୱର, ଭଦ୍ରକ ଓ କଟକ ଭଳି ଜିଲ୍ଲାଗୁଡ଼ିକ ସର୍ବାଧିକ ବନ୍ୟାପ୍ରବଣ। ଗତ ୩୦ ବର୍ଷ ମଧ୍ୟରେ ଏହିସବୁ ସମ୍ବେଦନଶୀଳ ଅଞ୍ଚଳରେ ବିପର୍ଯ୍ୟୟ ନିରୋଧୀ ଗୃହ ନିର୍ମାଣ, ସୁରକ୍ଷିତ ରାସ୍ତା, ଆଶ୍ରୟସ୍ଥଳୀ ଓ ସଂଯୋଗ ବ୍ୟବସ୍ଥା ନିଶ୍ଚିତ କରିବାରେ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଛି।

ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି ନଦୀ ଶଯ୍ୟା ଓ ଅବବାହିକା ଅଞ୍ଚଳରେ ଅନିୟନ୍ତ୍ରିତ ଜବରଦଖଲ। କୁଆଖାଇ, ଗଙ୍ଗୁଆ ଓ କାଠଯୋଡ଼ି ଭଳି ନଦୀର ପେଟ ଭିତରେ ବେଆଇନ ନିର୍ମାଣ ଚାଲିଥିଲେ ବି ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ରାଜଧାନୀରେ ଜଳବନ୍ଦୀ ସମସ୍ୟା ସୃଷ୍ଟି କରୁଥିବା ବେଆଇନ ନିର୍ମାଣକାରୀଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଶାସନରେ ଥିବା ପ୍ରତିନିଧି ଓ ସମ୍ବେଦନହୀନ ପ୍ରଶାସକମାନଙ୍କ ସ୍ୱାର୍ଥପରତା ଯୋଗୁଁ ଆଜି ନିୟମକାନୁନ ବାଟ ହୁଡ଼ିଛି। ନିଜ ନିର୍ବାଚନମଣ୍ଡଳୀରେ ବନ୍ୟା ଦ୍ୱାରା କେତେ ଲୋକ କ୍ଷତିଗ୍ରସ୍ତ ହେଉଛନ୍ତି, ତାହାର ସଠିକ୍ ପରିସଂଖ୍ୟାନ ନା ସରପଞ୍ଚଙ୍କ ପାଖରେ ଅଛି, ନା ବିଧାୟକ କିମ୍ବା ସାଂସଦଙ୍କ ନିକଟରେ ଅଛି।

ପୂର୍ବରୁ ବନ୍ୟା ଋତୁ ଆରମ୍ଭ ହେବା ପୂର୍ବରୁ ଜଳସମ୍ପଦ ବିଭାଗର ଯନ୍ତ୍ରୀମାନେ ନଦୀବନ୍ଧଗୁଡ଼ିକର କ୍ଷେତ୍ର ପରିଦର୍ଶନ କରି ମରାମତି ରିପୋର୍ଟ ଦେବାର ନିୟମ ଥିଲା। ଯଦି ଏହି ପ୍ରକ୍ରିୟା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇଥିଲା, ତେବେ ନଦୀରେ ଘାଇ ସୃଷ୍ଟି ହେଲା କିପରି ? ସୁବର୍ଣ୍ଣରେଖା ସଂସ୍କାର ଯୋଜନା କେଉଁଆଡ଼େ ଗଲା ? ବୈତରଣୀ ଉପରେ ପ୍ରସ୍ତାବିତ ଉଦୟପୁର ପ୍ରକଳ୍ପ କାହିଁକି ଅଟକି ରହିଛି ? ନଦୀରୁ ବେଆଇନ ବାଲି ଖନନ ପାଇଁ କାହାକୁ ଦାୟୀ କରାଯିବ ? ଏସବୁ ପ୍ରଶ୍ନର ଉତ୍ତର ନଦେଇ କେବଳ 'ଶୂନ୍ୟ ମୃତାହତ'ର ନାରା ଦେବା ଏକ ପ୍ରହସନ ମାତ୍ର। ଗୋଟିଏ ବିକଶିତ ରାଜ୍ୟ ଗଠନ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଓ ଶିଳ୍ପାୟନ ଯେତିକି ଜରୁରୀ, ଜଳବାୟୁ ପରିବର୍ତ୍ତନ ଓ ଅନିୟମିତ ମୌସୁମୀର ସାମ୍ନା କରି ସୁରକ୍ଷିତ ପରିବେଶ ଗଢ଼ିବା ସେତିକି ପ୍ରାଥମିକ ହେବା ଆବଶ୍ୟକ। ଯେ ପର୍ଯ୍ୟନ୍ତ ଜଳ ଓ ବାୟୁର ସୁରକ୍ଷା ପାଇଁ ସରକାରୀ ସ୍ତରରେ ଦୂରଦୃଷ୍ଟି ସମ୍ପନ୍ନ ଓ ଠୋସ୍ ପଦକ୍ଷେପ ନ ନିଆଯାଇଛି, ସେପର୍ଯ୍ୟନ୍ତ 'ନୂଆ ଓଡ଼ିଶା' କିମ୍ବା 'ବିକଶିତ ଓଡ଼ିଶା'ର ସ୍ୱପ୍ନ କେବଳ ଗୋଟିଏ କାଗଜି ପ୍ରବଞ୍ଚନା ହୋଇ ରହିଯିବ। ପ୍ରକୃତରେ, ବିପର୍ଯ୍ୟୟ ପରିଚାଳନା କେବଳ ବନ୍ୟା ପରବର୍ତ୍ତୀ ରିଲିଫ୍ ସାମଗ୍ରୀ ବାଣ୍ଟିବା କିମ୍ବା କ୍ଷତିପୂରଣ ରାଶି ଘୋଷଣା କରିବାରେ ସୀମିତ ରହିବା ଉଚିତ ନୁହେଁ। ଏହା ଏକ ନିରନ୍ତର, ଯୋଜନାବଦ୍ଧ ଏବଂ ଦୂରଦୃଷ୍ଟିସମ୍ପନ୍ନ ପ୍ରକ୍ରିୟା ହେବା ଆବଶ୍ୟକ, ଯାହା ପ୍ରତ୍ୟେକ ନାଗରିକଙ୍କୁ ସୁରକ୍ଷା ଦେଇପାରିବ। ଆଜି ଆମକୁ ପ୍ରଶ୍ନ କରିବାକୁ ପଡ଼ିବ ଯେ, ବାରମ୍ବାର ଆସୁଥିବା ଏହି ଜଳପ୍ରଳୟ ପାଇଁ କେବଳ ପ୍ରକୃତି ଦାୟୀ ନା ଆମର ବ୍ୟବସ୍ଥାଗତ ସମ୍ବେଦନହୀନତା ? ଯେଉଁ ନଦୀଗୁଡ଼ିକ ଦିନେ ଓଡ଼ିଶାର ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ ଥିଲେ, ସେଗୁଡ଼ିକ ଆଜି ପ୍ରଶାସନିକ ଅବହେଳା ଯୋଗୁଁ ଆମ ପାଇଁ କାଳ ସାଜିଛନ୍ତି। ନଦୀ ଶଯ୍ୟାରେ ପଟୁମାଟି ଜମି ଜଳଧାରଣ କ୍ଷମତା ହ୍ରାସ ପାଇବା ଏବଂ ବନ୍ଧଗୁଡ଼ିକର ଅସୁରକ୍ଷିତ ଅବସ୍ଥା ସମ୍ପର୍କରେ ବାରମ୍ବାର ଚେତାବନୀ ସତ୍ତ୍ୱେ କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ। ଶାସନ ଚୌକିରେ ବସୁଥିବା ନେତା ଓ ନୀତି ନିର୍ଦ୍ଧାରକମାନେ ବୁଝିବା ଉଚିତ ଯେ, କାଗଜପତ୍ରରେ ସୀମିତ ଥିବା ଯୋଜନା କେବେ ବି ଗ୍ରାମାଞ୍ଚଳର ଲୋକଙ୍କୁ ବନ୍ୟା ଦାଉରୁ ରକ୍ଷା କରିପାରିବ ନାହିଁ। ବୁଲ୍‌ଡୋଜର କେବଳ ଗରିବଙ୍କ କୁଡ଼ିଆ ଉପରେ ଚାଲିବା ପରିବର୍ତ୍ତେ, ନଦୀ ପେଟକୁ ଜବରଦଖଲ କରିଥିବା ପ୍ରଭାବଶାଳୀ ଗୋଷ୍ଠୀଙ୍କ ବେଆଇନ ନିର୍ମାଣ ଉପରେ ଚାଲିବା ଦରକାର।

# ବିଲୁପ୍ତ ପ୍ରାୟ

## ପ୍ରଫୁଲ୍ଲ କୁମାର ରାଉତ



ଗାଁର ମାଟି ଦାଣ୍ଡ ବଦଳିଗଲା ସିମେଣ୍ଟ କଂକ୍ରିଟ ରାସ୍ତାରେ। ଚାଳଘରସବୁ ପରିବର୍ତ୍ତିତ ହୋଇଗଲା ମାର୍ବଲ ଚଟାଣ ଟାଇଲ ଛପର କାନ୍ଥ ପକ୍କାଛାତ ବିଶିଷ୍ଟ ମହଲାଘରକୁ। ଉଭାନ ହୋଇଗଲେ ଘରଚଟିଆ। ନିଶବ୍ଦ ହୋଇଗଲା ସେମାନଙ୍କର କିଚିରମିଚିରି ଶବ୍ଦ। ସମୟକୁ ତାଳ ଦେଇ ଆଗକୁ ବଢିଲା ସଭ୍ୟତା କୁଳ କୌଳିକ ବୃତ୍ତିର ଆୟକୁ ବିଚାରକୁ ନିଆଯାଇ ସହରାଭିମୁଖୀ ଅଧିକ ରୋଜଗାର ଆଶାରେ। ମାଆ ଡାକ, ମାଆ ହାତରନ୍ଧା ମାଟି ହାଣ୍ଡି ରୋଷେଇ, ମାଟି ପ୍ରତି ଅହେତୁକ ମମତା ବଦଳିଗଲା ଆଧୁନିକତା ମୋହରେ ଜେଜେମାଆ ସାଧା କରି ପନ୍ଧୁଥିବା ଖଦି ଲୁଗା, ବୋଉ କୁଚକରି ପିନ୍ଧୁଥିବା ଶାଢୀ, ରୁପାନ୍ତରିତ ହୋଇଛି ପୋଷାକ ପାଇଜାମାରେ। ଯେଯେ ପିନ୍ଧୁଥିବା ଖଦୀଲୁଗା, ତିନି ପକେଟଥିବା ପଞ୍ଜାବୀ, ସ୍କ୍ରିପର ଚପଲ, ବାପାଙ୍କ ଖୋରଧାଲୁଙ୍ଗୀ, ହାଫ୍ ସାର୍ଟ ଆଜି ନିଜର ଅସ୍ତିତ୍ୱ ଖୋଜୁଛି। ବାପା ମାଆ ଙ୍କ ଘର ଥିଲା ପିଲାଙ୍କ ଘର କିନ୍ତୁ ପିଲାଙ୍କ ଘରେ ତାଙ୍କପାଇଁ



ସ୍ଥାନ ନଥାଏ। ବାପା ମାଆଙ୍କ ରୋଜଗାରରେ ମଣିଷ କରିଥିବା ପିଲାଙ୍କ ରୋଜଗାରରେ ସେମାନଙ୍କ ଚିକିତ୍ସା ପାଇ ଅର୍ଥ ନଥାଏ। କାନ୍ଧରେ ବସେଇ ଦିଅଁ ଦେଖାଇଥିବା ବାପା ରୋଗଶେଯ ରାତି ରେ ଅନିଦ୍ରାହୋଇ ସେବା କରିଥିବା ମାଆ ବାର୍ଦ୍ଧକ୍ୟରେ ସାହାରା ଖୋଜୁଥିବା ବେଳେ ବେସାହାରା ହୋଇଯାଆନ୍ତି। ଯୌଥ ପରିବାର ହେଉଛି ଭାରତୀୟ ପରମ୍ପରାର ଜ୍ୱଳନ୍ତ ନିଦର୍ଶନ। ନିସ୍ୱାର୍ଥପରତା ସମ୍ପର୍କ ରଜ୍ଜୁରେ ପ୍ରତ୍ୟାଶାରହିତ ନବିକତା ବନ୍ଧନ। ଶିଶୁଠାରୁ ବୟସ୍କ ଯାଏ ଗୋଟିଏ ଛାତତଳେ ଗୋଟିଏ ରୋଷେଇରେ ଅଭାବରୁ ସ୍ୱଭାବ, ବିପଦରୁ ଆପଦ ପର୍ଯ୍ୟନ୍ତ ପରସ୍ପର ଅନୁବନ୍ଧିତ ଏଠାରେପିଲାମାନଙ୍କୁ ଶୃଙ୍ଖଳା, ଦାୟୀତ୍ୱବୋଧ, କର୍ତବ୍ୟପରାୟଣତା, ଗୁରୁଜନଙ୍କୁ ସମ୍ମାନ, ଆପଣାରକରିବାରକଳା ସ୍ୱଚ୍ଛତା, ସମୟାନୁବର୍ତିତା, ପାରସ୍ପରିକବୁଝାମଣା, ସକରାତ୍ମକ ଭାବନା, ଏକ ଗୁରୁତ୍ୱପୁର୍ଣ୍ଣ ଭୁମିକା ନେଇ ନେଇଥାଏ। ଅସହାୟ କୁ ସାହାଯ୍ୟ ର ହାତ ବଢେଇବା, ନିଜ ତୃଟି କୁ ସ୍ୱୀକାର କରି ଭବିଷ୍ୟତରେ ରେ ପୁନରାବୃତି ନକରିବା କୁ ପରିବାର ହିଁ ଶିକ୍ଷା ଦେଇଥାଏ ଜଣେ କେହି ଦେହ ଦୁଃଖରେ ପଡିଲେ ସପରିବାର ସମଭାଗି ହୋଇ ସମବେଦନା ଜଣାଉଥିଲେ। ଝଡବତାସ ଗଛର ଡାଳ ଭାଙ୍ଗି ଦେଇପାରେ, ମାଟିରୁ ଅଲଗା କରିଦେଇପାରେ କିନ୍ତୁ ସବୁଜପତ୍ରକୁ ଅଲଗା କରିପାରେନାହିଁ ଅଲଗା କରିଥାଏ ସିଏ ହେଉଛି ସମୟ ସମୟ ସହିତ ସବୁକିଛି ବଦଳିଯାଏ।

ସାଥୀରେ ଥିବା ମଣିଷ ସମ୍ମୁଖ ରେ ଠିଆହେଲେ ନିଜ ରକ୍ତସମ୍ପର୍କ ବି ପାଲଟି ଯାଏ ଶତୃ। ଉତର ଦେଉଥିବାଲୋକ ପ୍ରଶ୍ନ ପଚାରିବା ଆରମ୍ଭକରେ। ନିଜ ସ୍ୱାର୍ଥ ଯୁଇରେ ଆହୁତି ହୋଇଯାଏ ସ୍ନେହ ମମତା ତ୍ୟାଗ ରତୁଚ୍ଛ ହୋଇଯାଏ ସଂପର୍କ। ଏକକ ପରିବାର ର ସୁଖସୁବିଧା ପାଇଁ ପର ହୋଇଯାଏ ରକ୍ତ। ହସିହସି ଚେର କାଟୁଥିବା ମଣିଷ ରାଗିକରି ଭଲଚାହୁଁ ଥିବା ମଣିଷ ଠାରୁ ଭଲଲାଗେ। ଜୀବନରେ ଧନ ଓ ସମ୍ପତି ଆସେ ଯାଏ କିନ୍ତୁ ମଣିଷ ଓ ସତ୍ୟ ସମ୍ପର୍କ ବହୁ କଷ୍ଟଲବ୍ଧ ଦ୍ରବ୍ୟ। ଯେଉଁ ଲୋକ ଆପଣଙ୍କ ଖୁସୀରେ ହସେ ଦୁଃଖରେ ସାଥ ଦିଏ ତାହା ହେଉଛି ବାସ୍ତବ ସମ୍ପର୍କ ଦୁଃଖକଷ୍ଟ ସମୟରେ ଆପଣାର ଲୋକମାନଙ୍କୁ ମନେପକାଉଥିବା ବେଳେ ଧନସମ୍ପତି ପ୍ରାପ୍ତପରେ ସେମାନେ ପାଶୋରହୋଇଯାଆନ୍ତି। ବିଶ୍ୱାସ ଏମିତି ଶବ୍ଦ ପଢିବାକୁ ଗୋଟିଏ ମୁହୁର୍ତ ଭାବିବାକୁ କିଛି ସମୟ ବୁଝେଇବାକୁ କିଛି ଦିନ ମାତ୍ର ନିଭାଇବାକୁ ସାରା ଜୀବନ ଲାଗେ। ଗାଁର ଏପଟ ମୁଣ୍ଡରୁ ସେପଟ ମୁଣ୍ଡ ଯାଏ କିଏ ନା କିଏ କେଉଁ ସମ୍ପର୍କ ରେ ବନ୍ଧା ଛୋଟ ପରିବାର, ସହରାଭିମୁଖୀ ବ୍ୟସ୍ତବହୁଳ କାର୍ଯ୍ୟ, ପ୍ରତିଯୋଗୀତା ମୁଳକ ଜୀବନଚର୍ଯ୍ୟା ରେ ଜନ୍ମମାଟି ର ମମତା ପଛରେ ପଡିଯାଏ। ନିଜେ ଗାଁର ପିଲାମାନଙ୍କୁ, ନିଜର ପିଲା ଗାଁର ବୟସ୍କ ସମ୍ପର୍କୀୟମାନଙ୍କୁ ଚିହ୍ନିପାରନ୍ତିନାହିଁ। ଦାଦା ଖୁଡି, ବଡ଼ବାପା ବଡ଼ବୋଉ, ପିଉସା ପିଉସୀ, କେଉଁମାନଙ୍କୁ କୁହାଯାଏ ବୋଲି ପିଲାମାନେ ଓଲଟି ପ୍ରଶ୍ନ କରିଥାନ୍ତି। ଅଝଟପିଲାକୁ ମାଆ ଜହ୍ନ ଦେଖାଇବା, ବୁଢୀମାଆ ନାତିନାତୁଣି ଙ୍କୁ ପାଖରେ ଶୁଆଇ ନୀତିନୈତିକତା ମୁଳକ ଗପ କହିବା ସତେ ଅବା ଇତିହାସ। ଏସବୁ କାମ ସ୍ମାର୍ଟ ମୋବାଇଲ ସୁଚାରୁ ରୁପେ ନିଭେଇପାରୁଛି କମେଡି ରିଲସ ରେ। ଘୋଷା ଲୋପାମୁଦ୍ରା ପରି ନାରୀ ମାନେ ବୈଦିକ ମନ୍ତ୍ର ରଚନା କରିଥିଲେ। ରାଣୀ ଶୁକଦେଇ, ଅହଲ୍ୟାବାଇ ନିଜ ସ୍ୱାମୀଙ୍କ ଅବର୍ତମାନରେ ସାମ୍ରାଜ୍ୟକୁ ସୁରକ୍ଷିତ ରଖିପାରିଥିଲେ। ସ୍ୱାଭିମାନ ଥିଲା ସ୍ୱେଚ୍ଛାଚାର ନଥିଲା।

ବିବାହ ଥିଲା ଦୁଇଟି ଅଜଣା ଅପରିଚିତ ଆତ୍ମାର ମିଳନ ପରକୁ ଆପଣାର କରିବାର ଦାୟିତ୍ୱବୋଧ। ଘରର ମୁରବୀମାନଙ୍କର ନିଷ୍ପତି ଥିଲା ବେଦର ଗାର। ଡାଳ ଛାମୁଣ୍ଡିଆ, ଢୋଲବାଦ୍ୟ ଜାତିଭାଇଙ୍କ କୋଳାହଳରେ ଗାଁ ଦାଣ୍ଡ ଫାଟି ପଡୁଥିଲା ବାହାଘର ଦିନ ର ଚାରିଦିନ ପୁର୍ବରୁ ଚାରିଦିନପର ଯାଏ ବନ୍ଧୁବାନ୍ଧବ ମାନଙ୍କ ଗହଳି ଲାଗି ରହୁଥିଲା। ଘରର ବିବାହିତ ଝିଅମାନେ କୁଅରୁ ପାଣି ଆଣିବା ଠାରୁ ପରିବା କଟା, ରୋଷେଇକରି ଖାଇବାକୁଦେବା ପର୍ଯ୍ୟନ୍ତ ସବୁ କାମ କରୁଥିଲେ। ନୂଆବୋହୂଠାରୁ ଅଳତା ଲଗାଇବା ବାହାନାରେ ଝିଅବୋହୂଙ୍କ ଭିଡ଼। ଅଭିମାନରେ ଆତ୍ମୀୟତା ଥିଲା। ଘରୁ ବିଦାୟ ନେଲାବେଳକୁ ଉଭୟ ବିଦାୟ ନେବା ଲୋକ ବିଦାୟ ଦେବାଲୋକଙ୍କ ଆଖିରେ ଲୁହ। ପୁଣି କେବେ ଆସିବ ବୋଲି ପ୍ରଶ୍ନ। ନିର୍ବନ୍ଧ ଏନଗେଜମେଣ୍ଟ, ମଙ୍ଗନ ହଳଦୀ ମେହେନ୍ଦୀରେ ରୁପାନ୍ତରିତ ବିବାହ ପୁର୍ବରୁ ପ୍ରିୱେଡିଂ, ମୋବାଇଲ ଚାଟିଂ, ଲିଭ ଇନ ରିଲେସନସିପ। କଲ୍ୟାଣ ମଣ୍ଡପରେ ବାହାଘର, ବ୍ରାହ୍ମଣ, ବାରିକ ହୁଳହୁଳି ପକାଇବା ଲୋକ ଭଡ଼ାରେ। ମେନ୍ୟୁ ଅନୁଯାୟୀ ପ୍ଲେଟ୍‌ର ମୂଲ୍ୟ ହୋଟେଲରେ ବରାଦ କରିଦେଲେ ଜଞ୍ଜାଳମୁକ୍ତ। ଯାହା ବିଲ ପୈଠ କରିବା କାମ। ସାହି ଭାଗବତ, ଭାଗବତ ଘରେ ସନ୍ଧ୍ୟାରେ ପୁରାଣପାଠ ବନ୍ଦ ହୋଇଗଲା ଗାଁକୁ ଟିଭି ଭିଡିଓ ଆସିଲାପରେ। ଠାକୁରଙ୍କ ମନ୍ଦିରରେ ଝାଞ୍ଜ ମୃଦଙ୍ଗ ଶଙ୍ଖ କାହଳୀରେ ଆଳତୀର କାର୍ଯ୍ୟ ଯନ୍ତ୍ରବାଦ୍ୟ ତୁଲାଇଲା। ପାଞ୍ଚ ଜଣ ବୟସ୍କ ଲୋକ ଏକାଠିବସି ନିଜ ଦୁଃଖସୁଖ ଗାଁ ରାଜନୀତି ଠାରୁ ରାଜ୍ୟ ରାଜନୀତି, ଦେଶ ବିଦେଶ ଖବର, ପୁରାଣ ଚର୍ଚ୍ଚା କରିବାର ନାହିଁ କାରଣ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ। ସ୍ମାର୍ଟଫୋନ ଏତେ ବିଭୋର କରିଦିଏ ଯେ ସମୟ ଜଣାପଡ଼ିନଥାଏ। ପ୍ରତି ଗ୍ରାମ ଗୋଟିଏ ଛୋଟିଆ ସହରରେ ପରିଣତ ହୋଇଗଲାଣି। ସହରରେ ମିଳୁଥିବା ସମସ୍ତ ଦ୍ରବ୍ୟ, ବିଶେଷକରି ଚୋରା ମଦ ଏବଂ ଚାଖଣା ଦୋକାନ, ଫାଷ୍ଟଫୁଡ ଦୋକାନ ଏଠାରେ ଉପଲବ୍ଧ। ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ପରି ଦାରୁସେବନ ର କରାମତି ସଞ୍ଜଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦେଖିବାକୁ ମିଳିଥାଏ ବୋମା ବନ୍ଧୁକ କାମ ଅଳ୍ପବହୁତେ ବ୍ୟବହାର କରାଗଲଣି ମଦ ବିକୁଥିବା ଲୋକ ଦାମୀଗାଡି, ସୁନ୍ଦର କୋଠା ନିର୍ମାଣ କରୁଥିଲା ବେଳେ ପିଉଥବାଲୋକ ସରକାରଙ୍କ ତରଫରୁ ମିଳିଥିବା ଆବାସଘରକୁ ପଲସ୍ତରା କରିପାରିନଥାଏ। ପିଲାଙ୍କ ଟିଉସନ ଖର୍ଚ୍ଚ, ଘରର ଇଲେକ୍ଟ୍ରି ବିଲ୍ ବୁଢ଼ାବାପାଙ୍କ ଭତ୍ତା ପଇସାରୁ ଭରଣା କରିଥାଏ। ବୈକୁଣ୍ଠସମାନ ଘରେ ସବୁଦିନ ଝଗଡା ନଲାଗିଲେ ଦିନ ସରେନି। ହଳ ବଦଳରେ କଳ ଲଙ୍ଗଳ ଚାଷରେ ହଳିଆଗୀତ, ଟ୍ରାକ୍ଟର ଆସିଲା ପରେ ହଳଶଗଡ, ଧାନ ଅମଳଯନ୍ତ୍ର ବ୍ୟବହାର ପରେ ଖଳାରେ ବଳଦ ବେଙ୍ଗେଲା, ମୋବାଇଲ ବ୍ୟବହାରରେ ଚିଠିପତ୍ର ଦେବାନେବା ବିଲୁପ୍ତ। ଜାନୀଜନ୍ତାଳ, ପଙ୍କ୍ତିଭୋଜନ, ଗୀତିନାଟ୍ୟ, ପୁଚିଗୀତ ଆଜି ଅଭିଧାନର ଗୋଟିଏ ଗୋଟିଏ ଶବ୍ଦକୋଷ।

*ପାଣ୍ଡରାସିଂହା, ବଳରାମପ୍ରସାଦ,*
*ଗଣିଆ, ନୟାଗଡ଼-୭୫୨୦୮୫*
*ମୋ: ୯୪୩୭୪୫୮୧୮୩*

ଜାତୀୟ ଚେତନା
JATIYA CHETANA



# ଫୁଟବଲ ଇତିହାସ ବଦଳାଇଲା ସ୍ପେନ୍

ମିହିର ପ୍ରତାପ ଦାସ



ନିର୍ବିବାଦରେ ଫୁଟବଲ ବିଶ୍ୱର ସବୁଠାରୁ ଜନପ୍ରିୟ କ୍ରୀଡା ବିଶ୍ୱକପ ପ୍ରତିଯୋଗିତା ଏହାର ସବୁଠାରୁ ବଡ ଉତ୍ସବ । ଦ୍ୱିତୀୟ ସ୍ଥାନରେ ଅଲମ୍ପିକ ଫୁଟବଲ ସ୍ପର୍ଦ୍ଧା ରହିବା ବିଶ୍ୱଶାନ୍ତି ରକ୍ଷା କରିବା ଓ ବିଶ୍ୱ ଭାତୃଭାବ ଶୃଷ୍ଟି କରିବା ପାଇଁ ଆଧୁନିକ ଅଲମ୍ପିକ ଓ ବିଶ୍ୱକପ ଫୁଟବଲର ମୂଳଦୁଆ ସ୍ଥାପନ କରାଯାଇଥିଲା । ୧୮୭୨ ବେଳକୁ ଫୁଟବଲ ଖେଳର ନୂତନ ପ୍ରସ୍ଥ ଆରମ୍ଭ ହୋଇ ସାରିଥିଲା । ଇଉରୋପର ବିଭିନ୍ନ ଦେଶ ପରସ୍ପର ମଧ୍ୟରେ ପ୍ରଦର୍ଶନୀ ଖେଳ ଆୟୋଜନ କରୁଥିଲେ । କ୍ରୀଡା ଉତ୍ସବରେ ଅଧିକ ଦେଶଙ୍କୁ ସାମିଲ କରିବା ପାଇଁ ୧୮୯୪ ମସିହାରେ ଆନ୍ତର୍ଜାତୀକ ଅଲମ୍ପିକ କମିଟି ଗଠନ କରାଗଲା । ଏହାର ଦୁଇ ବର୍ଷ ପରେ ୧୮୯୬ ମସିହାରେ ଏଥେନସ ଠାରେ ଚଉଦ ଗୋଟି ଦେଶରୁ ଦୁଇ ଶହ ଏକଚାଳିଶ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ତେୟାଳିଶଟି ବିଭାଗରେ ପ୍ରତିଯୋଗିତା ହୋଇ ଥିଲା । ବୈଷୟୀକ କାରଣରୁ ଫୁଟବଲ ସ୍ଥାନ ପାଇ ପାରି ନ ଥିଲା । ପରୀକ୍ଷା ମୂଳକ ଭାବେ ୧୯୦୦ ମସିହା ପ୍ୟାରିସ ଅଲମ୍ପିକରେ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇ ଥିଲା । ଗ୍ରେଟ ବ୍ରିଟେନ ୪-୦ ଗୋଲରେ ଫ୍ରାନ୍ସକୁ ପରାଜିତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ମାତ୍ର ତିନୋଟି ଦେଶ ଅଂଶ ଗ୍ରହଣ କରି ଥିଲେ । ୧୯୦୪ ସେଣ୍ଟ ଲୁଇସ ଅଲମ୍ପିକ ଫୁଟବଲରେ ଅଂଶ ଗ୍ରହଣକାରୀ ଦେଶଙ୍କର ସଂଖ୍ୟା ସେଇ ତିନି ରହିଲା । କାନାଡା ୨-୦ରେ ଆମେରିକାକୁ ପରାଜିତ କରି ପ୍ରଥମ ସ୍ଥାନ ପାଇଥିଲା । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣକାରୀ ଦଳମାନଙ୍କୁ ପଦକ ବା ମାନ୍ୟତା ମିଳି ନ ଥିଲା । ୧୯୦୪ ମସିହାରେ ଆନ୍ତର୍ଜାତୀୟ ଫୁଟବଲ ଫେଡେରେସନ ଗଢା ହେଲା । ୧୯୦୮ ଲଣ୍ଡନ ଅଲମ୍ପିକରେ ଫୁଟବଲ ବିଦ୍ଧିସିଦ୍ଧ ପଞ୍ଜିକୃତ ହୋଇ ଥିଲା । ଛଅଗୋଟି ଦେଶ ଅଂଶ ଗ୍ରହଣ କରିଥିଲେ । ହୋରେସ ବେଲିଙ୍କ ନେତୃତ୍ୱରେ ଇଂଲଣ୍ଡ ଦଳ ଡେନମାର୍କକୁ ୨-୦ ଗୋଲରେ ପରାଜିତ କରି ସ୍ୱର୍ଣ୍ଣ ପଦକ ବିଜେତା ହୋଇ ଥିଲେ । ଏହା ପରେ ୧୯୧୨ ଷ୍ଟକହୋମ ଅଲମ୍ପିକରେ ଗ୍ରେଟ ବ୍ରିଟେନ ପୁର୍ନବାର ୪-୨ରେ ଡେନମାର୍କକୁ ପରାଜିତ କରି ତୃତୀୟ ଥର ପାଇଁ ସ୍ୱର୍ଣ୍ଣ ପଦକ ହାସଲ ନେଇଥିଲା । ଉଲେଖନୀୟ ପ୍ରସଙ୍ଗ ହେଉଛି ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ନେଲ ରଥରଫୋର୍ଡ ଡେନମାର୍କ ଦଳର ସଦସ୍ୟ ଥିଲେ । ସେ ପରେ ନୋବେଲ ପୁରସ୍କାର ପାଇଥିଲେ । ଏଥର ବାରଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ପ୍ରଥମ ବିଶ୍ୱ ମହାସମର ପାଇଁ ୧୯୧୬ ଅଲମ୍ପିକ ବନ୍ଦ ରହିଲା । ଇତି ମଧ୍ୟରେ ଇଂଲଣ୍ଡ ତିନିଥର ପ୍ରଥମ ସ୍ଥାନ ଅଧିକାର କରି ସାରିଥିଲେ । ୧୯୨୦ରେ ବେଲିଜିୟମର ଆଣ୍ଟେରପ ଠାରେ ପ୍ରତିଯୋଗିତା ଆୟୋଜିତ ହୋଇ ଥିଲା । ଖେଳ ଆରମ୍ଭରୁ ବେଲିଜିୟମ ୨-୦ରେ ଆଗୁଆ ଥିଲା । ହଠାତ୍ ଚେକ ଦଳ ପଡିଆ ଛାଡି ଚାଲି ଗଲେ । ଏଣୁ ତୃତୀୟ ସ୍ଥାନରେ ଥିବା ସ୍ପେନକୁ ରଜତ ପଦକ ମିଳିଥିଲା । ପନ୍ଦର ଗୋଟି ଦେଶ ସ୍ପର୍ଦ୍ଧାରେ ଅଂଶଗ୍ରହଣ କରିଥିଲେ । ପଚିଶ ବର୍ଷ ଅନ୍ତରରରେ ୧୯୨୪ରେ ପ୍ୟାରିସ ଠାରେ ଅଲମ୍ପିକ ଆୟୋଜିତ ହୋଇ ଥିଲା । ଫୁଟବଲରେ ଚାରିଗୋଟି ମହାଦେଶରୁ ବାଇଶ ଗୋଟି ଦେଶ ଭାଗ ନେବୋକୁ ପହଞ୍ଚିଥିଲେ । ଉରୁଗୁଏ ଫୁଟବଲ ଜଗତର ନୂତନ ଶକ୍ତି ଭାବରେ ଆତ୍ମ ପ୍ରକାଶ କରିଥରଲା । ସୁଇଜରଲ୍ୟାଣ୍ଡକୁ ୩-୦ ଗୋଲରେ ହରାଇ ସ୍ୱର୍ଣ୍ଣ ପଦକ ପାଇଥିଲା । ଇତି ମଧ୍ୟରେ ବିଶ୍ୱ ଫୁଟବଲ ଫେଡେରେସନ ବିଶ୍ୱକପ ପ୍ରତିଯୋଗିତା ପାଇଁ ବନ୍ଦୋବସ୍ତ କରି ସାରି ଥିଲା । ପେସାଦାର ଓ ଅଣପେଷାଦାର ଫୁଟବଲ ଖେଳାଳିଙ୍କର ପଞ୍ଜିକରଣ କରାଗଲା । ଅଲମ୍ପିକରେ କେବଳ ଅଣପେହାଦାର ଖେଳାଳୀ ସ୍ଥାନ ପାଇବେ ବୋଲି ନିୟମ କରାଗଲା । ୧୯୨୮ରେ ଆମଷ୍ଟର ଡାମ ଅଲମ୍ପିକ ଥିଲା ଭାରତ ପାଇଁ ସ୍ମରଣୀୟ । ହକିର ପ୍ରଥମ ସ୍ୱର୍ଣ୍ଣ ପଦକ ମିଳିଥିଲା । ଫୁଟବଲରେ ଫାଇନାଲରେ ଖେଳ ଦୁଇଥର ଖେଳା ଯାଇଥିଲା । ପ୍ରଥମ ଥର ଉରୁଗୁଏ ୧-୧ରେ ଆର୍ଜେଣ୍ଟିନା ସହିତ ଖେଳ ଅମିମାଂଶୀତ ରହିଥିଲା । ଦ୍ୱିତୀୟ ଥର ଉରୁଗୁଏ ୨-୧ରେ ଆର୍ଜେଣ୍ଟିନାକୁ ପରାଜିତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା । ଏହାର ଦୁଇ ବର୍ଷ ପରେ ୧୯୩୦ରେ ପ୍ରଥମ ବିଶ୍ୱକପ ଫୁଟବଲ ଆରମ୍ଭ ହୋଇ ଥିଲା । ଫାଇନାଲରେ ଉରୁଗୁଏ ୪-୨ରେ ଆର୍ଜେଣ୍ଟିନାକୁ ପରାଜିତ କରି ବିଶ୍ୱକପ ହାସଲ କରି ନେଲା । ଅଲମ୍ପିକ ସ୍ୱର୍ଣ୍ଣପଦକ ମଧ୍ୟ ତାର ଖାତାରେ ଥିଲା । ୧୯୩୨ ଅଲମ୍ପିକ ଆମେରିକାର ଲସ ଆଞ୍ଜେଲସ ଠାରେ ହେଲା । ସେଠାରେ ଫୁଟବଲ ସ୍ଥାନ ପାଇ ନ ଥିଲା । ୧୯୩୬ ବର୍ଲିନ ଅଲମ୍ପିକରେ ଇଟାଲୀ ସ୍ୱର୍ଣ୍ଣପଦକ ହାସଲ କରିଥିଲା । ସେ ଏହା ପୂର୍ବରୁ ୧୯୩୪ ବିଶ୍ୱକପ ବିଜୟୀ ହୋଇ ଥିଲା । ପୁଣି ୧୯୩୮ରେ ବିଶ୍ୱକପ ହାସଲ କରିଲା । ଏକକାଳୀନ ଦୁଇଟି ବୃହତ ପ୍ରତିଯୋଗିତାରେ ଶ୍ରେଷ୍ଠ ଦଳ ହୋଇ ଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ ଅଲମ୍ପିକ ଓ ବିଶ୍ୱକପ ଫୁଟବଲ ପ୍ରାୟ ବାର ବର୍ଷ ବନ୍ଦ ରହିଥିଲା । ୧୯୪୮ ଲଣ୍ଡନ ଅଲମ୍ପିକରେ ସ୍ୱିଡେନ ୩-୧ ରେ ଯୁଗୋସ୍ଲୋଭାକିଆକୁ ପରାଜିତ କରି ସ୍ୱର୍ଣ୍ଣ ହାସଲ କରିଥିଲା । ଶୈଳେଶ ମାନାଙ୍କର ନେତୃତ୍ୱରେ ଭାରତୀୟ ଦଳ ଅଂଶ ଗ୍ରହଣ କରିଥିଲେ । ଫ୍ରାନ୍ସଠାରୁ ୨-୧ ଗୋଲରେ ପରାଜିତ ହୋଇ ଥିଲେ । ପ୍ରତିଯୋଗିତାରେ ଅଠରଟି ଦଳ ଅଂଶ ଗ୍ରହଣ କରିଥିଲେ । ଏହା ପର ଠାରୁ କୌଣସି ଅଲମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଦେଶ କେବେ ବିଶ୍ୱକପ ହାସଲ କରି ପାରି ନ ଥିଲେ । ୧୯୫୨ ହେଲେସେଙ୍କି ଅଲମ୍ପିକରେ ହଙ୍ଗେରୀ ଦଳ ୨-୦ରେ ଯୁଗୋସ୍ଲୋଭାକିଆକୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା । ଏଥର ପଚିଶ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ହଙ୍ଗେରୀର ଅଧିନାୟକ ଥିଲେ ମହାନ ଖେଳାଳୀ ଫେରେଙ୍କ ପୁସକାସ । ଭାରତର ଦଳ ଅଂଶ ଗ୍ରହଣ କରିଥିଲେ ମଧ୍ୟ ପ୍ରଦର୍ଶନ ଅତି ଖରାପ ରହିଥିଲା । ୧୯୫୬ରେ ମେଲବୋର୍ଣ୍ଣ ଅଲମ୍ପିକରେ ଏଗାର ଗୋଟି ଦେଶ ଅଂଶ ଗ୍ରହଣ କରିଥିଲେ । ସୋଭିଏତ ସଂଘ ୧-୦ ଗୋଲରେ ଯୁଗୋସ୍ଲୋଭାକିଆକୁ ପରାଜିତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା । ଭାରତୀୟ ଦଳର ପ୍ରଦର୍ଶନ ଅତି ଉଚ୍ଚକୋଟୀର ଥିଲା । ଭାରତୀୟ ଦଳର ପ୍ରଶିକ୍ଷକ ସଇଦ ଅବଦୁଲ ରହିମଙ୍କର ରଣନିତୀ ଥିଲା ଅନନ୍ୟ । ଅଧିନାୟକ ସମର ବାନାର୍ଜିଙ୍କର ନେତୃତ୍ୱରେ ଦଳ ସଂଗଠିତ ଥିଲା । ଭାରତ ୪-୨ ଗୋଲରେ ଅଷ୍ଟ୍ରେଲିଆକୁ ତାର ନିଜ ମାଟିରେ ପରାଜିତ କରିଥିଲା । ସେମିଫାଇନାଲକୁ ପ୍ରବେଶ କରି ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ନିଭେଲି ଡିସେଜାଙ୍କର ହ୍ୟାଟ୍ରିକ ଭାରତୀୟଙ୍କ ମନରେ ଉନ୍ମାଦନା ଆଣିଥିଲା । ଅନ୍ୟ ପକ୍ଷରେ ଲଗାତର ଷଷ୍ଠ ଥର ପାଇଁ ହକିରେ ସ୍ୱର୍ଣ୍ଣ ପଦକ ଭାରତ ବଲବୀର ସିଂହ ସିନିଅରଙ୍କର ନେତୃତ୍ୱରେ ଅକ୍ତିଆର କରିଥିଲା । ୧୯୬୦ ରୋମ ଅଲମ୍ପିକ ଭାରତ ପାଇଁ ଆନନ୍ଦର ବେଳା ଥିଲା କି ଗ୍ରହ ଖରାପ ଥିଲା କହିବା କଷ୍ଟକର । ମହାନ ଧାବକ ମିଲଖା ସିଂହ ଗୋଟିଏ ମୂହୁର୍ତ୍ତର ଏକ ଶହ ଭାଗରୁ ଭାଗେ ବିଳମ୍ବ ପାଇଁ ଅଲମ୍ପିକ ପଦକରୁ ବଞ୍ଚିତ ହୋଇ ଥିଲେ । ପ୍ରଥମ ଥର ହକିରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡିଲା । ଫୁଟବଲରେ ଭାରତର ସର୍ବକାଳୀନ ଶ୍ରେଷ୍ଠ ଦଳ ଯେଉଁଥିରେ ବଲରାମ,ଚିନୁଗୋସ୍ୱାମୀ, ପିକେ ବାନାର୍ଜି ଥିଲେ । ତାହା ଉଚ୍ଚକୋଟୀର ପ୍ରଦର୍ଶନ ସତ୍ତ୍ୱେ ତେରତମ ସ୍ଥାନରେ ରହିଲା । ଯୁଗୋସ୍ଲୋଭାକିଆ ୩-୧ ଗୋଲରେ ହଙ୍ଗେରୀକୁ ପରାଜିତ କରି ଚମ୍ପିଆନ ହୋଇ ଥିଲା । ଟୋକିଓ ଠାରେ ୧୯୬୪ ମସିହାରେ ଅଲମ୍ପିକ ଅନୁଷ୍ଠିତ ହେଲା । ଏଠାରେ ହଙ୍ଗେରୀ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା । ୧୯୬୮ ମେକ୍ସିକୋ ଠାରେ ହଙ୍ଗେରୀ ପୁଣି ସ୍ୱର୍ଣ୍ଣ ପଦକ ବୁଲଗେରିଆକୁ ହରାଇ ହାସଲ କରିଥିଲା । ଅଲମ୍ପିକ ପ୍ରତିଯୋଗିତା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୮ ରୁ ଓ ବିଶ୍ୱକପ ଫୁଟବଲ ୧୯୫୦ ରୁ ଆରମ୍ଭ ହୋଇଥିଲା । ଏଣୁ ଅଲମ୍ପିକ ସର୍ବଦା ଦୁଇ ବର୍ଷ ଆଗରେ ଚାଲିଲା । ୧୯୬୦ ପରେ ଭାରତ ଅଲମ୍ପିକ ଫୁଟବଲରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରି ପାରିଲା ନାହିଁ । ମ୍ୟୁନିକ ଅଲମ୍ପିକ ୧୯୭୨ରେ ପୋଲାଣ୍ଡ, ୧୯୭୬ ମଣ୍ଟିସ ଅଲମ୍ପିକରେ ଇଷ୍ଟଜମର୍ାନୀ, ୧୯୮୦ ମସ୍କୋ ଅଲମ୍ପିକରେ ଚେକୋସ୍ଲୋଭାକିଆ, ୧୯୮୪ ଲସ ଆଞ୍ଜେଲସରେ ଫ୍ରାନ୍ସ, ୧୯୮୮ ସିଓଲରେ ସୋଭିଏତ ସଂଘ, ୧୯୯୨ରେ ବର୍ସିଲୋନାରେସ୍ପେନ, ୧୯୯୬ ଆଟଲାଣ୍ଟା ନାଇଜେରିଆ, ୨୦୦୦ରେ ସିଡିନୀରେ କାମେରୁନ ୨୦୦୪ରେ ଏଥେନସରେ ଆର୍ଜେଣ୍ଟିନା, ୨୦୦୮ ବେଜିଙ୍ଗରେ ଆର୍ଜେଣ୍ଟିନା, ୨୦୧୨ରେ ଲଣ୍ଡନରେ ମେକ୍ସିକୋ, ୨୦୧୬ରେ ରିଓ ଡି ଜେନେରେ ଠାରେ ବ୍ରାଜିଲ ସ୍ୱଦେଶ ମାଟିରେ ଜର୍ମାନୀକୁ ହରାଇ ୨୦୧୪ ବିଶ୍ୱକପରେ ପରାଜୟର ପ୍ରତିଶୋଧ ନେଇ ଥିଲା । ସ୍ୱର୍ଣ୍ଣ ପଦକ ହାସଲ କରିଥିଲା । ୨୦୨୦ ଟୋକିଓ ଅଲମ୍ପିକ କରୋନା କାରଣରୁ ୨୦୨୧ ମସିହାରେ ଅନୁଷ୍ଠିତ ହୋଇଥିଲା । ବ୍ରାଜିଲ ଏଠାରେ ସ୍ପେନକୁ ପରାଜିତ କରି ପ୍ରଥମ ସ୍ଥାନରେ ରହିଥିଲା । ୨୦୨୪ ପ୍ୟାରିଶ ଅଲମ୍ପିକରେ ସ୍ପେନ ନିମନ୍ତ୍ରଣକାରୀ ଫ୍ରାନ୍ସକୁ ପରାଜିତ କରି ସ୍ୱର୍ଣ୍ଣ ପଦକ ଲାଭ କରିଛି । ଏହା ସହିତ ୨୦୨୬ ଚଳିତ ବିଶ୍ୱକପ ମଧ୍ୟ ଅକ୍ତିଆର କରିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅଲମ୍ପିକ ସ୍ୱର୍ଣ୍ଣ ପଦକ ଜିତିଥିବା କୌଣସି ଦେଶ ତାର ପରବର୍ତ୍ତୀ ବିଶ୍ୱକପ ଜିତି ପାରି ନ ଥିଲେ । କିନ୍ତୁ ଏହି ଅନୁକ୍ରମ ଧାରାକୁ ଅତିକ୍ରମ କରି ସ୍ପେନ ଦୁଇଟି ଯାକ ଫୁଟବଲ ଜଗତର ଶ୍ରେଷ୍ଠ ସମ୍ମାନକୁ ହାସଲ କରିଛି । ଇତିହାସରେ ନୂଆ ଫର୍ଦ୍ଦ ଯୋଡିଛି ।

ମୋ: ୯୯୩୭୮୬୩୫୨୮
E-mail: mihirpratapdas@gmail.com

## ଯୁବ ଔପନ୍ୟାସିକ ଭୌମିକ ମହାନ୍ତିଙ୍କ ତୃତୀୟ ଉପନ୍ୟାସ ଉନ୍ମୋଚିତ




ଭୁବନେଶ୍ୱର,(ଜା.ପ୍ର): ଯୁବ ଔପନ୍ୟାସିକ ଭୌମିକ ମହାନ୍ତିଙ୍କ ତୃତୀୟ ଉପନ୍ୟାସ 'ଦ ସ୍ମାଇଲ ଦ୍ୟାଟ୍ ନେଭର ୱାଜ' ଆଜି ଏକ ନିରାଡ଼ମ୍ବର ପରିବେଶରେ ଉନ୍ମୋଚିତ ହୋଇଛି । ସ୍ଥାନୀୟ ସତ୍ୟନଗରସ୍ଥିତ ବକୁଳ ଫାଉଣ୍ଡେସନ ପାଠାଗାର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ପ୍ରକାଶ ମହାପାତ୍ର ମୁଖ୍ୟ ଅତିଥି ଏବଂ କବି ଓ ଗାଳ୍ପିକା ମୌସୁମୀ ଦାସ୍ ଓ କବି ସ୍ୱପ୍ନା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କମ୍ ବୟସରେ ଭୌମିକ ତିନି ତିନୋଟି ଇଂରାଜୀ ଉପନ୍ୟାସ ଲେଖି ପାରିଥିବା ନେଇ ଖୁସି ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, ମନର ଭାବନାକୁ ସାକାର ରୂପ ଦେବାର କ୍ଷମତା ସମସ୍ତଙ୍କର ନଥାଏ । ଭୌମିକଙ୍କର ସେହି କ୍ଷମତା ରହିବା ଆନନ୍ଦର କଥା । ଚିତ୍ରା ପବ୍ଲିକେସନସ ଓ ତପସ୍ୟା ଫାଉଣ୍ଡେସନ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ଉତ୍ସବରେ ତପସ୍ୟା ଫାଉଣ୍ଡେସନର ଅଧ୍ୟକ୍ଷ ଡକ୍ଟର ତପନ ପଣ୍ଡା ସଭାପତିତ୍ୱ କରି ଚିତ୍ରା ପବ୍ଲିକେସନସ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଭୌମିକଙ୍କ ପରିବାର ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ । ଚିତ୍ରା ପବ୍ଲିକେସନସ ପକ୍ଷରୁ ପ୍ରଜ୍ଞାଶ୍ରୀ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଓଡ଼ିଶା ରାଜ୍ୟ ସରକାରୀ ମୋଟର କର୍ମଚାରୀ ସଂଘର ନୂତନ କମିଟିର କର୍ମକର୍ତ୍ତା ଚୟନ




ଭୁବନେଶ୍ୱର,(ଜା.ପ୍ର): ଚଳିତ ଅଗଷ୍ଟ ମାସ ୯ ତାରିଖ ରବିବାର ଦିବା ୧୦:୩୦ ମିନିଟ୍ ସମୟରେ, ଓଡ଼ିଶା ସରକାରୀ ମୋଟର କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସାଧାରଣ ବୈଠକ ଓ ନିର୍ବାଚନ ପ୍ରକ୍ରିୟା ଭୁବନେଶ୍ୱରସ୍ଥିତ ଗୀତା ଗୋବିନ୍ଦ ସଦନ (ୟୁନିଟ୍-୫) ରେ ଆୟୋଜିତ ହୋଇଯାଇଛି । ଏହି ସାଧାରଣ ବୈଠକରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ଶତାଧିକ ସରକାରୀ ମୋଟର କର୍ମଚାରୀ ଭାଇମାନେ ଯୋଗଦେଇ ସେମାନଙ୍କର ବହୁମୂଲ୍ୟ ମତଦାନ କରିଛନ୍ତି । ଏହି ନିର୍ବାଚନରେ ଓଡ଼ିଶା ସରକାରୀ ମୋଟର କର୍ମଚାରୀ ସଂଘର ରାଜ୍ୟ ସଭାପତି ଭାବେ ସୌମେନ୍ଦ୍ର କୁମାର ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଶେଖ୍ ମୋହସିନ୍ ବକ୍ସ, ଅଧ୍ୟକ୍ଷ ଭାବେ ମହାଦେବ ପଟ୍ଟନାୟକ ଏବଂ କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ କୁମାର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନ ପ୍ରକ୍ରିୟାକୁ ଯଗଙ୍ଗାଧର ବେହେରା, ରମେଶ ମାଝୀ ଓ ସନ୍ତୋଷ କୁମାର ବେରିହା ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରିଥିଲେ । ପ୍ରଭାତ କୁମାର ରଣା ସ୍ୱାଗତ ଅଭ୍ୟର୍ଥନା କରିଥିବା ବେଳେ ଶେଷରେ ଗଗନ ବିହାରୀ ପ୍ରଧାନ ଓ ଅତହର ଅଲ୍ଲୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

ଜାତୀୟ ଚେତନା
JATIYA CHETANA





# ଗୁଜବ

## ସୁନନ୍ଦା ମହାନ୍ତି

ଚନ୍ଦ୍ରଯାନ, ଚନ୍ଦ୍ର ପୃଷ୍ଠରେ ପହଁଚିଲା ପରେ ପରେ ସେଠାକୁ କେମିତି ମଣିଷ ଯାଇ ପାରିବ ଭାବନା ଘାରିଛି ବୈଜ୍ଞାନିକମାନଙ୍କୁ ତ ଏଲିଅନ ମାନେ ପୃଥିବୀ ପୃଷ୍ଠରେ ଧୁମ ମଚେଇଲେଣି, ଚର୍ଚ୍ଚା ଚାଲିଛି। ରାତିରେ ଏଲିଅନମାନଙ୍କ ଛାଇ ଦେଖିବାକୁ ମିଳୁଛି ବୋଲି ଅନେକ କହିବା ଆରମ୍ଭ କଲେଣି। ଏଲିଅନମାନେ ଯଦି ପୃଥିବୀକୁ ଆସୁଛନ୍ତି ତେବେ କେଉଁଥିରେ ? ନା ସେମାନଙ୍କର ଉଡିବାର କ୍ଷମତା ଅଛି ? କୋଉ ପକ୍ଷରେ ଆସୁଛନ୍ତି ସେମାନେ, ପୂର୍ଣ୍ଣମୀ ନା ଅମାବାସ୍ୟା, ଏସବୁ ଜାଣିବା ମଧ୍ୟ ଜରୁରୀ ଅଟେ। ପୃଥିବୀ ପୃଷ୍ଠରେ ଏଲିଅନ ଯଦି ଜୀବନ ବଞ୍ଚାଇ ପାରୁଛି ତେବେ ମଣିଷ ଚନ୍ଦ୍ରପୃଷ୍ଠରେ ବସବାସ କରିପାରିବାଟା ନିଶ୍ଚିନ୍ତ। ଏମିତି ଏମିତି ଚିନ୍ତା କରି କରି ଜଣେ ବୈଜ୍ଞାନିକ ମୃତ୍ୟୁବରଣ କରିବା ପରେ ତାଙ୍କ ପୁଅ, ତାଙ୍କ ବାପାଙ୍କ ପଥ ଅନୁସରଣ କରି ପୁଣି ପ୍ରଥମରୁ ଆରମ୍ଭ କରିବେ ଭାବି, ତାଙ୍କୁ ତିରିଶ ହେବା ବୟସରୁ ଅଶୀ ବର୍ଷ ହେବା ଯାଏଁ, ପଚାଶ ବର୍ଷ ଧରି ଗୋଟେ ଛାଇ ପାଖରୁ କିଛି ବାର୍ତ୍ତା ପାଉଥିଲେ ପଢ଼ି ବିନି ଟିକେ ଚିନ୍ତାଶୀଳ ହୋଇ ଭାବିବାକୁ ଲାଗିଲେ। ଛାଇ ମାନେ କାହାର ଛାଇ ନିଜ ବୈଜ୍ଞାନିକ ପିତାଙ୍କର, ନା କୌଣସି ଛାଇ ଆଲୁଅର କାହାଣୀ ଏହା। ଯେମିତି ତାଙ୍କ ପିଲାବେଳେ ଭୁତର ଅସ୍ତିତ୍ୱ ନାହିଁ କେବଳ ମନର ଭ୍ରମ ଓ ଛାଇ ଆଲୁଅର ଖେଳ ବୋଲି ପ୍ରମାଣିତ କରିଥିଲେ ବିନି। କଥାଟି ଏମିତି ଥିଲା। ସେ କଳାର ଛାତ୍ରୀ, ନୂଆକରି କଲେଜରେ ପାଦ ଦେଇଥାଏ। ସ୍କୁଲ ସାଙ୍ଗ ଛାଡି ମାମୁଁଘର ପୁରୀ ସହରରେ, ମହିଳା କଲେଜରେ ନାମ ଲେଖାଇ ଥାଏ.ଆଉ ବାପା ମାଆ ଭାଇ ଭଉଣୀଙ୍କୁ ଛାଡି ଆଇଙ୍କ ହେପାଜତରେ ରହିଥାଏ ମାମୁଁଘରେ,ଏକମାତ୍ର ଭଉଣୀର ବଡ଼ଝିଅ ହିସାବରେ। ସେତେବେଳେ ଆଇ.ଏ ର ପ୍ରଥମ ବର୍ଷ ମୋର। ତିନିମାମୁଁ, ତିନିମାଇଁ ଓ ଛୋଟ ବଡ଼ ଭାଇଭଉଣୀମାନଙ୍କର ସବୁରି ପ୍ରିୟ ମୁଁ ହେଲେ ରଥାସାହିରେ ଥିବା ଲଗାଲଗି ତିନିଗୋଟି ଘର ଭିତରୁ ମୁଁ ଶୁଏ ଆଇଙ୍କ ସହ ଗୋଟିଏ ଘରେ ସେତେବେଳେ। ସହରୀଲୋକମାନଙ୍କର ଜମିଦାରୀ ଥାଏ ଗାଁରେ ତ, ମୋ ମାମୁଁଘରର ଜମିଦାରୀ ମଧ୍ୟ ଥାଏ ବ୍ରହ୍ମଗିରି ଅଞ୍ଚଳର ସାତିକପୁର ଠାରେ, ତ ମାମୁଁମାନେ ବିଭିର୍ଣ୍ଣ କାର୍ଯ୍ୟରେ ବେସ୍ତ ଥିବାରୁ ଆଇ ହିଁ ଯାଆନ୍ତି ଧାନଅମଳ ସମୟରେ, ପ୍ରଜାଙ୍କ ଘର ପାଖେ ରହି, ଧାନ ସବୁ ବିଲରୁ କଟା ହୋଇ ଆସି ଖଳାରେ ରୁହେ ତା ପରେ ବସ୍ତା ସବୁ ଶଗଡ଼ରେ ଲଦା ହୋଇ ପୁରୀକୁ ଆସିବା ପର୍ଯ୍ୟନ୍ତ। ଆଉ ସେ ବର୍ଷ ଥାଏ ଉଣେଇଶଶହଅଶୀ ମସିହା। ଆଇ ବାହାରିଲେ ଧାନ ଅମଳ କରି ଆଣିବାକୁ, ଆଉ ମତେ ଶୋଇବାକୁ ପଡିଲା ଏକା, କାରଣ କୌଣସି ମାମୁଁଙ୍କ ପୁଅ ଝିଅଙ୍କୁ ସେଘର ମନା ଥାଏ ତ ଆଇଙ୍କ ଅନୁପସ୍ଥିତିରେ କେହି ରାଜି ହୁଅନ୍ତି ନାହିଁ ସେ ଘରକୁ ଆସି ମୋ ପାଖରେ ଶୋଇବାକୁ, ମୁଁ ବି ରାଜିହୁଏନି ମୋ ବହିପତ୍ର, ମୋ ଜିନିଷପତ୍ର ଛାଡି ସେମାନଙ୍କ ପାଖେ ଯାଇ ଅନ୍ୟ ଘରେ ଶୋଇବାକୁ, ତ ମୁଁ ଶୁଏ ଏକା। ମୁଁ ଶୋଉଥିବା ଘର ଆଗରେ ଏକ ବଡ଼ ଚଉତରା ଓ ତା ଆଗକୁ ଧାଡି ଧାଡି ଘର, ଘର ଓ ଚଉତରା ମଝିରେ ବିରାଟ କୂଅଟିଏ.ତା ଉପରେ ନଳକୂପ ଓ ଠିକ ତା ତଳକୁ ମୁନିସିପାଲଟି କଳ.ମୁଁ ଶୋଉଥିବା ରୁମର ଝରକା ଦେଇ ଚାହିଁଲେ ସେସବୁ ଦେଖାଯାଏ ଏବଂ ଚଉତରା ଓ କୂଅ ଟପି ଯାହାର ଘର, ସେ କ୍ଷତିମାଉସୀ, ମରିଯାଇଥାଆନ୍ତି, ଆଇ ଧାନ ଅମଳ କରିଯିବାର ଠିକ ଦୁଇ କି ଚାରି ଦିନ ପୁର୍ବରୁ। ସେତେବେଳେ ଧାଡି ଧାଡି ଚାଳଘର ମଝିରେ ମଝିରେ ଛାତଘର, କ୍ଷତିମାଉସୀ, ଯେଉଁ ଘରେ ମରିଥିଲେ ସେଠାରେ କେହି ନଥିଲେ, ତାଙ୍କ ଝିଅ ଅନେକ ଦିନୁ ବାହାହୋଇ ତାଙ୍କ ସଂସାରରେ ଥିଲେ, ପୁଅଟି କୁଆଡେ ଯାତ୍ରୀ କାମରେ ଲାଗିଥାଏ, ମଝିରେ ମଝିରେ ଆସେ। ଶାରୀରିକ ଅସୁସ୍ଥତା ଭିତରେ କ୍ଷତିମାଉସୀଙ୍କ ଯନ୍ତ୍ରଣାରେ ବିଗଳିତ ହୋଇ ମୋ ମାଇଁମାନେ କେତେଥର ମୋ ହାତରେ ତାଙ୍କ ପାଇଁ ଖାଇବା ପଠାନ୍ତି। ମୁଁ ଗଲେ, ସେ ମୋ ବୋଉ ବାପାଙ୍କ କଥା ପଚାରନ୍ତି ଓ ମୁଣ୍ଡ ଆଉଁସି ଦିଅନ୍ତି। କାଳକ୍ରମେ ରୋଗ ଓ କ୍ଷୁଧା ଜନିତ କଷ୍ଟରେ ସେ ମୃତ୍ୟୁବରଣ କଲେ।

କ୍ଷତିମାଉସୀ ମରିବା ପରେ ସାହିପଡିଶା ଓ ମାଇଁମାନେ ବହୁତ ଦୁଃଖ ତ କଲେ କିନ୍ତୁ ତାଙ୍କର ବହୁତ ଅବଶୋଷ ରହିଗଲା ଓ ସେଥିପାଇଁ ପୁଅକୁ ନଦେଖି ମରିଥିବାରୁ ସେ ସ୍ୱଶରୀରରେ ମୃତ୍ୟୁ ପରେ ବି ଧଳାଲୁଗା ପିନ୍ଧି ଠିଆହେଉଛନ୍ତି ଭଳି କଥାବାର୍ତ୍ତା ମୋ କାନରେ ପଡ଼େ, ତାଙ୍କ ପରିବାର ବା ତାଙ୍କ ଇତିହାସ ତ ମୁଁ ଭଲକି ଜାଣିନଥାଏ ହେଲେ ମତେ ଦେଖିଲେ ତାଙ୍କ ବିଷୟରେ କଥାବାର୍ତ୍ତା ବନ୍ଦ କରି ଚୁପ ହେଇଯାନ୍ତି ସମସ୍ତେ ଆଉ ପଛରୁ କହିବାର ମୁଁ ଶୁଣିପାରେ ପିଲାଲୋକ ଡରିବେ, ଏକୁଟିଆ ଶୋଉଛନ୍ତି, ମୁଁ ବି ମନେ ମନେ ହସିକି ଚାଲିଯାଏ କିଛି ନଜାଣିଲା ଭଳିଆ ଆଉ ବସିଯାଏ ମୋ ରୁମର ମୋ ଖଟ ଉପରେ, ହାତପାଖ ସେଲ୍ଫରେ ବହି ଥାକ ଥାକ, ପଢା ବହି ସହ ବିଭୁତି ପଟ୍ଟନାୟକ ଓ ପ୍ରତିଭା ରାଏଙ୍କର କିଛି କିଛି ବହି ତଥା ମୋ ହାତଲେଖା କବିତା ଓ ଆଧୁନିକ ଗୀତ ଓ ଶିଶୁଗୀତ ଖାତା, ତା ଭିତରେ କିଛି ଆର୍ଟ ବି ମୁଁ କରେ କେବେ କେବେ, ଖାଇବାବେଳ ହେଲେ ଯାଏ ଆରପଟ ଘରକୁ ଚଉତରା ଟପି ତ, ସେଦିନ ବଡ଼ମାଇଁ କହିଲେ ଝିଅ ମୁଁ ତୁମଘରେ ତୁମ ରୁମରେ ଖାଇବା ଦେଇଆସିବି ତମେ ଆଉ ରାତିରେ ବାହାରକୁ ଚଉତରା ଟପି ଏ ଘରକୁ ଆସନାହିଁ.ତାଙ୍କ ସଙ୍ଗେ ତାଳ ଧରୁଥିଲେ ମଝିଆଁ ଓ ସାନମାଇଁ, କାହିଁକିର ଉତ୍ତର ସିନା ସେମାନେ ଆଡ଼େଇ ଯାଇଥିଲେ ହେଲେ ମୁଁ ଠିକ ଜାଣିଛି ସ୍ୱେ କୁଆଡେ ମରିଯାଇଥିବା କ୍ଷତିମାଉସୀ ଆସି ଠିଆହେଉଛନ୍ତି ତାଙ୍କ ଘରକୁ ଲାଗି,କେବେ ବି ବସି ରହୁଛନ୍ତି ପୁଣି ଆଣ୍ଠୁମାଡ଼ି ତ ପୁଣି କେବେ ଗୋଡ଼ଲମ୍ବେଇ, ଏକଥା ମତେ ପ୍ରତ୍ୟକ୍ଷରେ କେହି ନକହିଲେବି ଆଲୋଚନାର ମୁଖ୍ୟାଂଶରୁ ମୁଁ ଜାଣିସାରିଥାଏ ଆଉ ସେଦିନ ସାନ ଦୁଇମାଇଁ ଚଉତରା ଦେଇ ରାସ୍ତା ପାଖ ଘରଯାଏଁ ଛାଡ଼ିଦେଇ ଗଲେ ଆଉ ଝରକା ବନ୍ଦ କରିବାକୁ ତାଗିଦ କରିଗଲେ.କିଛି ନଜାଣିଲା ଭଳି ମୁଁ, ହଁ ହଁ ମୋର କିଛି ଅସୁବିଧା ନାହିଁ କହି ତାଙ୍କୁ ବିଦାୟ ଦେଲି ସତ ହେଲେ ଝରକା ଦେଇ ଅକ୍ଷୟ ମହାନ୍ତିଙ୍କ 'ସ୍ମୃତି ତୁମେ...।' ଅନେକ ଆଧୁନିକ ଗୀତ ଗୁଣୁଗୁଣେଇବା ସହ ବାପା ମାଆ ଭାଇ ଭଉଣୀଙ୍କୁ ଛାଡି ଆଇଙ୍କ ଅନୁପସ୍ଥିତି ଓ କ୍ଷତିମାଉସୀଙ୍କ ମୃତ୍ୟୁର ଅସାଧାରଣ ଗୁଜବ ସବୁକୁ ନେଇ ବାପାଙ୍କ ପାଖକୁ ଚିଠି ଲେଖି ବସିଲି, ଲେଖିସାରିବା ପରେ ଜହ୍ନମାମୁଁ ପଢୁ ପଢୁ ମୋ ଝରକା ଦେଇ ଚାହିଁଲି କ୍ଷତିମାଉସୀ ଓ ଜଣେ ସାରଙ୍କ ଘର ମଝିରେ ଛୋଟ କହିଲେ ଭୁଲ ହେବ ମଧ୍ୟମ ଧରଣର ପଡ଼ିଆଟିଏ ସେଠି। ସାରଙ୍କ ଘରଲୋକ ପ୍ରାୟ ଦାଣ୍ଡପଟେ ନଥାନ୍ତି ଆଉ କ୍ଷତିମାଉସୀଙ୍କ ଘରେ ତାଲା.ତାପରେ ଯେଉଁ ଘର ସବୁ ମତେ ଦେଖାଯାଏନା.ଆଉ ଏପଟେ ସାରଙ୍କ ଘର ପରେ ପରେ ବୁଲୁମାମୁଁଙ୍କ ଘର, କୋଉଠି ଅଧ୍ୟାପକ ସିଏ.ଢେର ରାତିଯାଏଁ ଲେଖାପଢ଼ା କରନ୍ତି ଦାଣ୍ଡପଟେ.ସ୍ୱେ ସେ ରହୁନାହାନ୍ତି, ତାପରେ ଚତୁର୍ଭୁଜ ପରି ବଙ୍କେଇ ଯାଇଛି ମୋ ଅନ୍ୟ ମାମୁଁ ମାଇଁମାନଙ୍କ ଘର ଯାଏଁ.ପୁଣି ଜଣେ ସାରଙ୍କ ଘର ଛାଡି ମୁଁ ରହୁଥିବା ଘର, ତଳପଟ ଚାବି, ଉପରପଟେ ମୁଁ.ଘରଟା ରାସ୍ତାକୁ ଲାଗିଛି, ଗହଳି ଚହଳି ପ୍ରାୟ ଥାଏ .ଆଇ ଥିଲାବେଳେ କବାଟ ବି ଦିଆଯାଏନା ଆଉ ସ୍ୱେ ମୁଁ ସେତିକି ଜଗେ ନିହାତି, ଆଉ ସେଇ ଖୋଲା ଝରକା ଦେଇ ଭାବେ, କ୍ଷତିମାଉସୀ ଘରକୁ ଚାହେଁ,ସତରେ କଣ ମୃତ୍ୟୁ ପରେ ମାଉସୀଙ୍କ ଆତ୍ମା ଆସୁଛି ?ସେ ମରିଗଲା ପରଠୁ ପୁଅ ଆସିନି, ଝିଅ ଜୋଇଁ ଯଥାକଥା କ୍ରିୟାକର୍ମ କଲେ, ଏମିତି ସବୁ ମରିଗଲା ପରେ ଯାହା ମନରେ ଯାହାଥାଏ ସେସବୁ ପୂରଣ କରିବାକୁ ମଣିଷ ପ୍ରେତାତ୍ମା ହୋଇ ଘୁରି ବୁଲେ ?

ଏବେ କଲେଜକୁ ଆସିବା ପରେ ମୋ ନୂଆ ସାଙ୍ଗ କିଏ କେମିତି 'ଉଇଜଡ଼ମ 'ନାମରେ ପତ୍ରିକା ଆଣନ୍ତି, ଇଂରାଜି, ବୁଝିବାକୁ କଷ୍ଟ ହେଲେବି କେତେକଥା ଏଇ ପ୍ରେତାତ୍ମାର ଅସ୍ତିତ୍ୱ ବିଷୟରେ ମୁଁ ପଢିଛି, ଯେମିତିକି, 'ଥରେ ଗୋଟିଏ ଝିଅ ରିକ୍ସାରୁ ଓଲ୍ହେଇ ରିକ୍ସାବାଲାକୁ ପଇସା ଦେଲାବେଳେ ଦିଖିଛି ରିକ୍ସାବାଲାର ଲମ୍ବିଆସିଥିବା ହାତଟି ଗୋଟିଏ ଲୋମଶ ଓ ନଖ ବଡ଼ବଡ଼ ବଣମଣିଷ ହାତ ଭଳି, ତ ଝିଅଟି ଚମକି ଉଠିଛି ହେଲେ ନିଜର କିଛି ଭୁଲ ଭାବି କଲେଜରେ ଯେତେବେଳେ ଲାଇବ୍ରେରିଆନ ପାଖରୁ ବହି ନେଇଛି ତାଙ୍କ ହାତଟି ସେମିତି ଦିଖିଛି, ଟିକେ ଡରିଯାଇଛି ଝିଅଟି ତଥାପି ସାହାସ କରି ଆଖିର ଦୋଷ ଭାବି ଅଟୋରେ ଫେରିବାବେଳେ ଅଟୋବାଲାକୁ ପଇସା ଦେବାକୁ ଯାଇ, ତାର ସେମିତି ହାତ ଦିଖିଛି ତ, ଦୌଡିବାକୁ ଲାଗିଛି, ସବୁକଥା ନିଜ ଭିତରେ ଚାପିରଖି ଜେଜେମା ପାଖରେ ଶୋଇ ସବୁକଥା କହିଛି ତ ଯେଜେମା ଆଉଁସି ଦେଉଥିବା ହାତଟି ଠିକ ସେହିପରି ଦେଖି ଦଉଡିଆସି ମାଆ ପାଖେ ସବୁ କହିଛି ତ ମାଆ ସାନ୍ତ୍ୱନା ଦେବା ପାଇଁ ତା ହାତ ଧରିନେଇଛନ୍ତି ତ ମାଆଙ୍କ ହାତଟି ସେମିତି ଦେଖି ଝିଅଟି ହାର୍ଟଫେଲ କରିଯାଇଛି ', ଏହି ଗଳ୍ପ ବା କଥାବସ୍ତୁ ସମେସ୍ତେ ସତ କଥା କହି ସିରିଏସ ହେଲାବେଳେ, ମୁଁ କିନ୍ତୁ ହସେ କୁହେ ଗପଟିଏ ହୁଏତ ହୋଇଥିବ, ଏମିତି ଏମିତି ଅନେକ କଥା ସେ ବହିରେ ବାହାରେ।

ଥରେ ଜଣେ ଡାକ୍ତର ରାତିରେ ହସ୍ପିଟାଲରେ କାମ କରୁଥିଲା ବେଳେ ଶବଟି ଶଯ୍ୟା ଉପରୁ ଉଠି ବସିଯିବା କଥା ଓ ଥରେ କେମିତି ଚାରିସାଙ୍ଗ ସମ୍ପର୍କୀୟଙ୍କ ଶବ ଜଗି ତାସ ଖେଳୁଥିଲା ବେଳେ ଶବ ଆଡକୁ ଚାଂହିଥିବା ସାଙ୍ଗ ଦେଖିଛି ଶବ ଉଠିଆସୁଛି ଅଣ୍ଟା ଯାଏଁ ତ କିଛି ନକହି ସେ ବାହାରକୁ ଚାଲିଯାଇଛି ତା ପରେ ପରେ ଦ୍ୱିତୀୟ ଓ ତୃତୀୟ ସାଙ୍ଗ ବି ସେମିତି କିଛି ଦେଖି ବାହାରକୁ ଯିବା ପରେ ଚତୁର୍ଥ ସାଙ୍ଗ ଦିଖିଛି ଶବଟି ବିଛଣାରେ ବସିଛି ତ ସେ ସେଇଠି ହାର୍ଟଫେଲ କରିଯାଇଛି.ଏକଥା ପଢି ସମେସ୍ତେ ଖାଲି ଭୂତ ପ୍ରେତ ବିଷୟରେ କେତେ ନା କେତେ ମନ୍ତବ୍ୟ ଦେବା ଆରମ୍ଭ କରିଛନ୍ତି ତ, ମୁଁ କୁହେ ଆରେ ମରିଯିବା ପରେ ଶିରା ପ୍ରଶିରା ସକ୍ରିୟ ଥାଏ ତ ଏମିତି ସଂକୋଚନ ପ୍ରସାରଣ ହୋଇପାରେ, ଦ୍ୱିତୀୟ କଥା ମରିଯାଇଥିବା ଲୋକ ବଞ୍ଚିଛି ଦେଖି ସତ୍ୟସତ ପରୀକ୍ଷା କରି ଖୁସି ହେବା କଥା, ଡର କାହିଁକି ? ତୃତୀୟରେ ଜଣେ ଅନ୍ୟ ଜଣଙ୍କୁ କହିବା କଥା, ମୋ କଥା ଶୁଣି ସମେସ୍ତେ କହନ୍ତି ସେମିତି କହନା, ତୋ ସଙ୍ଗେ ସେମିତି ହେଲେ ଜାଣିବୁ, ମୁଁ ଚୁପ ରହେ ଆଉ ଦିନକର ଏମିତି ଏକ ଗଳ୍ପ ବା ସତ ଘଟଣା ଆଧାରିତ କଥାରେ ମୁଁ ମୋ ବିଶ୍ୱାସକୁ ବଢ଼େଇ ଦେଇଥିଲି ଦୁଇଗୁଣା, ଯେମିତିକି ଜଣେ ଡାକ୍ତର ମୋରି ଭଳି ଭୂତ ପ୍ରେତର ବିଶ୍ୱାସୀ ନଥିଲେ, ତ ସାଙ୍ଗମାନେ ତାଙ୍କ ସହ ଯୁକ୍ତି କରିଥିଲେ ଆଉ ବାଜି ରଖିଥିଲେ, ତୁ ଯଦି ରାତି ବାରଟାରେ ଶବଟିଏ ହାତରେ ଯୀଶୁଙ୍କୁ କ୍ରୁଶବିଦ୍ଧ କଲା ଭଳି କଣ୍ଟା ବାଡେଇ ପାରିବୁ ତ ଆମେ ଜାଣିବୁ। ହଁ ପାରିବି କହି ସେଦିନ ରାତି ବାରଟାରେ ବାହାରିଗଲେ ଡାକ୍ତରବାବୁ, ଆଉ ଶବ ଟିଏ ଠିଆ କରେଇ ଏକା ଏକା ତା ହାତ କାଂଥରେ ରଖି ପିଟିବାକୁ ଲାଗିଲେ କଣ୍ଟା ହେଲେ ଏକୁଟିଆ, ଶବକୁ କାଂଥରେ ଠିଆ କରିରଖିବା, ହାତ ନେଇ କାନ୍ଥରେ ଲାଗାଇ କଣ୍ଟା ପିଟିବାରେ ସେ ଭୟ ନୁହେଁ ବରଂ ପରିଶ୍ରମ କରି ଝାଳ ସରସର ହୋଇଯାଇଥିଲେ ବି କରିପାରିଥିଲେ, ହେଲେ ପଛକୁ ବୁଲି ଆସିବା ବେଳକୁ ଦେଖିଲେ କେହି ତାଙ୍କୁ ଭିଡି ଧରୁଛି, ତାଙ୍କ ଚିତ୍କାର ଶୁଣି ସାଙ୍ଗ ମାନେ ଯାଇ ଦେଖିଲା ବେଳକୁ ଡାକ୍ତର ମୃତ.ଆଉ ଶବ ହାତରେ କଣ୍ଟା ସହ ଡାକ୍ତରଙ୍କ ଧୋତିର କିଛି ଅଂଶ ପିଟିହୋଇ ଲାଗିଛି କଣ୍ଟା ସହ.'ସମେସ୍ତେ ଏହା ପରେ କିଛି କିଛି ଏକମତ ହୋଇଥିଲେ ଯେ ପ୍ରକୃତରେ ଭୟ ହିଁ ବଡ ଶତ୍ରୁ, ହେଲେ ଭୂତ ପ୍ରେତର ଅସ୍ତିତ୍ୱ ଯେ ଅଛି ସେମାନେ ଦୃଢ଼ତାର ସହ କୁହନ୍ତି ତ ମୁଁ ହସିଦିଏ ତ ସେମାନେ ପୁଣି କପ ସାହାଯ୍ୟରେ କେମିତି ଆତ୍ମା କୁ ଡକାଯାଏ, ପ୍ରଶ୍ନ ପଚରାଯାଏ, ଏମିତିକି ଦେଶର ବଡ଼ବଡ଼ ଜନନାୟକଙ୍କୁ ବି ଡକାଯାଏ ଓ ସେମାନେ କପ ମାଧ୍ୟମରେ ଆତ୍ମା ପଠେଇ ସବୁ ପ୍ରଶ୍ନର ଉତ୍ତର ସହ ଆଶୁ ସମସ୍ୟାର ସମାଧାନର ପ୍ରଣାଳୀ ସବୁ ବାଖ୍ୟା କରନ୍ତି କେମିତି ଉତ୍ତରରେ,ମୁଁ ନିର୍ଭିକ ଭାବେ କୁହେ ହାତ ଏତେ ସମୟ ଧରି କପ ଉପରେ ରଖିଲେ ନିଶ୍ଚୟ ଖସିବ ଏଣେ ତେଣେ ଆଉ କପ ଯୁଆଡେ ଗଲା ସେଇ ସିମ୍ବଲ ବା ଲେଖାକୁ ପ୍ରତାତ୍ମା କହିଲା ବୋଲି ଧରିନିଆଯାଏ, ହେଲେ ଆତ୍ମା କହିବା ମୁଁ ମାନିନେଇପାରିବିନି ତ ମୁହଁ ମୋଡ଼ି ସାଙ୍ଗମାନେ ଚାଲିଯାନ୍ତି, ସେହିସବୁ କଥା ମନେପକାଇ ଶୋଇବାକୁ ଚେଷ୍ଟା କଲି ମୁଁ ହେଲେ ଲାଇଟ ଲିଭେଇ ନୁହେଁ ବରଂ ଜଳେଇ ଓ ପ୍ରଥମ ଥର ମୁଁହ ଘୋଡେଇ ଆଉ ହନୁମାନ ଚାଳିଶା ବୋଲି ବୋଲି।

ତା ପରଦିନ ସବୁ ସ୍ୱାଭାବିକ ହେଲେ ମାଇଁମାନଙ୍କ ସନ୍ଦିଗ୍ଧ ଦୃଷ୍ଟି ମତେ କେମିତି କେମିତି ଲାଗେ। ସେମାନେ ଗୋଟିଏ ଜିଦ କରୁଥିଲେ ଯେ ଏପଟ ଘରକୁ ଆସ, ଆଉ ମୋର ଗୋଟିଏ ଉତ୍ତର ବହି ପଢ଼ାପଢ଼ି ଲେଖାଲେଖି ଅସୁବିଧା ହେବ, ଲାଇବ୍ରେରୀ ବହିରୁ ଟିପି ନୋଟ ନକଲେ ଅନ୍ୟ ପିଲାଙ୍କୁ ଦେବି କେମିତି ? ତ ମାମୁଁ ଝିଅ ଭଉଣୀ ଜଣେ ରୀନା ସେ ହିଁ ଶୋଇଲା ମୋ ପାଖେ ହେଲେ ତା ଆଚରଣ, କାର୍ଯ୍ୟକଳାପ କ୍ଷତିମାଉସୀଙ୍କ ଭୂତଠୁ ବି ଟିକିଏ ବେଶୀ ଥିଲା ଲାଇବ୍ରେରୀ ଆଇଡେଣ୍ଟିଟି କାର୍ଡରୁ ଫଟୋ ଖୋଲି ନେଲା, ମୁଁ ଖୋଜିଲା ବେଳକୁ ମୋ ଗାଉନ ଉଭାନ, କେତେବେଳେ ଚୁଡିଦାର ଉପର ଗାଉନ ସେ ନେଇଯାଇଛି, ତ କେତେବେଳେ ମୋ କବିତା ଖାତାର ପୃଷ୍ଠା ଚିରି ଦେଇଛି ପୁଣି କେତେବେଳେ ମୋ ମୋ ପଇସା ନିଅଣ୍ଟ ଓ ଗାଏବ, ଯାହା କହିହେବନି ତ ମୁଁ ତାକୁ ମୋଠୁ ଦୁରେଇବା ପାଇଁ ଜବରଦସ୍ତ ଝରକା ଖୋଲା ରଖି ଶୋଇବାକୁ ଲାଗିଲି, ତ ତାର ଭୀଷଣ ବିରୋଧ.ପ୍ରଥମ ଅଭିଯୋଗ ମଶା ଆସିବେ, ତ ଆମେ ମଶାରୀ ଟାଣୁଥିଲୁ, ଦ୍ୱିତୀୟ ଅଭିଯୋଗ ରାସ୍ତା ଲୋକ ଉଠିଆସି କାଳେ ଆମକୁ ଦେଖିବେ ତ ଯିବା ଆସିବା ଚାଲିଛି ଆଉ କ୍ଷତିମାଉସୀଙ୍କ ଦାଣ୍ଡ ଦୁଆରେ ଥିବା ଇଲେକ୍ଟ୍ରି ଲାଇଟ ତ ସିଧା ଆମ ଦୁଆରେ ପଡେ, କିଏ ସାହସ କରି ପାହାଚ ଚଢି ପିଣ୍ଡା ଉଠି ଝରକା ବାଟେ ଆମକୁ ଦେଖିବ, ପୁଣି ଝରକା ସେପଟେ ଦେଖିଲେ ବା କଣ କରିପାରିବ ? ତ ସେ ଚିହିଁକି ଉଠିଲା ତୁ ଯଦି ଝରକା ଖୋଲି ଶୋଇବୁ ଶୁଅ, ମୁଁ ତୋ ପାଖେ ଶୋଇବି ନାହିଁ, କାହିଁକି ଉତ୍ତରରେ, ସମସ୍ତେ ଯେଉଁଟା ଖୋଲି କହୁନଥିଲେ କହିଦେଲା ସତମିଛ ଦ୍ୱିଗୁଣ କରି ଯେ କ୍ଷତି ମାଉସୀ ସେଇ ପଡିଆରେ ଠିଆ ହେଉଛି ଆଉ ବସୁଛି ବେଳେବେଳେ, କାନ୍ଦୁଛି ଆଉ ଏଇ ଦୁଆର ଯାଏଁ ବି ଆସୁଛି, ହଁ ହଁ ହେଇଥିବ, ହେଲେ ଝରକା ଦେଇ ମୁଁ ଘରର ଭେଣ୍ଟିଲେସନ ପ୍ରତିହତ କରି ଶୋଇପାରିବି ନାହିଁ, ତ ମୋ ବୁଦ୍ଧିରେ ରୀନା ମୋ ପାଖେ ଶୋଇବା ବନ୍ଦ ଆଉ ମାମୁଁ ମାଇଁଙ୍କ ତାଗିଦ ରେ ମୁଁ ଆଠଟା ରେ ଖାଇ ଚାଲିଆସେ ବା ନେଇକି ଚାଲିଆସେ ରୁମକୁ।

ସେଦିନ ରାତି ପ୍ରାୟ ଆଠଟା ହେବ ବଡମାଇଁ ଆସି କହିଦେଇଗଲେ, ଝିଅ ରୁଟି କରିବା ଆଜି ଡେରି ହେବ ତମେ ଭାତ ଖାଇ ନିଅ, ମୁଁ ମନାକଲି, ମୋ ପାଖେ ରହୁଥିବା ଛୋଟ ମୋଟ ଜଳଖିଆ ଯେମିତିକି ପାଉଁରୁଟି କେକ, ବିସ୍କୁଟ, ମିକ୍ସଚର, ଛଣାସେଉ, ବୁଟଭଜା, ଚୁଡା ଓ ମୁଢି ଭଜା ଇତ୍ୟାଦିରୁ ମୁଁ କିଛି କିଛି ଖାଇଛି, ଭୋଖ ନାହିଁ, ରୁଟି କାରିବା ଡେରି ହେଲେ ଚଳିବ, ମୁଁ ନଅ ଟାରେ ଖାଇବାକୁଯିବି.ନାଇଁ ନାଇଁ ତମେ ଆସିବନି, ମୁଁ ଆସି ଦେଇଯିବି, ତମେ ପଢୁଥା.ତ ସେ ଚାଲିଯିବା ପରେ, ବାପାଙ୍କଠୁଁ ଆସିଥିବା ଚିଠି ସବୁ ପଢ଼ିଲି, ଛୋଟ ଭାଇ ଭଉଣୀ ବି କିଛି କିଛି ଲେଖିଥିବା କଥା ପଢି ଲୁହ ଜଡ଼ସଡ଼ ରେ ଝରକା ଦେଇ ଚାହିଁଲି ବାହାରକୁ। ଚତୁର୍ଭୁଜାକାର ସ୍ଥାନଟିର ରାସ୍ତାପଟକୁ ଘରଟିରେ ମୁଁ, ତେଣୁ କ୍ଷତିମାଉସୀଙ୍କ ଘରଯାଏଁ ମୋ ଆଖିପାଏ, ଆଉ ଆଜି ରାସ୍ତାରେ ଗହଳି ଚହଳି ନଥିଲା ସେମିତି ତ ଆପଣା ଛାଏଁ ମୁନିସପାଲଟି ଲାଇଟଖୁଣ୍ଟି ସିଧା ଥିବା, କ୍ଷତିମାଉସୀଙ୍କ ଘରକୁ ଲାଗିଥିବା ପଡିଆଟି ଉପରକୁ ମୋ ନଜର ଚାଲିଗଲା.ଆଉ ତାଆ ଭିତରେ ମୁଁ ଦେଖୁଥିଲି ମୋ ନିଜ ହୃଦୟରେ ଯେଉଁମାନଙ୍କୁ ଝୁରୁଥିଲି, ସତେ ଯେମିତି ମୋ ବାପା ବୋଉ ମୋ ଭାଇଭଉଣୀ ଙ୍କ ସାଙ୍ଗରେ ବିତିଥିବା ଦିନ, ଆଉ କଲେଜ ଛୁଟି ହେବାକୁ ଢେର ଦିନ ବାକି, ମୋ ସ୍ମୃତିରେ ସତ ସାଉଁଟୁ ସାଉଁଟୁ ମୁଁ ହଠାତ ଜଡ଼ସଡ଼ ହୋଇ ଚମକି ପଡିଲି, ସତରେ ମତେ ଲାଗିଲା ଶୁଭ୍ର ବସ୍ତ୍ର ପରିହିତା କେହିଜଣେ ସେହି ଖୋଲା ପଡିଆରେ କ୍ଷତିମାଉସୀ କାନ୍ଥକୁ ଆଉଜି, ହଠାତ କେମିତି ଗୋଟେ ଲାଗିଲା ମତେ, ଆଉ ମୁଁ ସ୍ଥିର ହୋଇଗଲି, ଅବିଚଳିତ ହୋଇଗଲି, ସତରେ ତ ଖାଲି ଠିଆ ହୋଇନାହାନ୍ତି, ଏପଟ ସେପଟ ବି ହଉଛନ୍ତି ମୋର ଏତେ ଦିନର ବିଶ୍ୱାସକୁ ଖିନଭିନ କରି, ତଥାପି ମୁଁ ସନ୍ତର୍ପଣରେ ଦାଣ୍ଡକବାଟ ଖୋଲି ଦାଣ୍ଡପିଣ୍ଡାକୁ ଆସିଲି.ପିଣ୍ଡାକୁ ଲାଗି ରାସ୍ତା ପଟକୁ ଦୁଆରେ ଗୋଟେ ସିମେଣ୍ଟ ଚୌକି, ବସିଲି ସେଠି, ଚାହିଁଲି, ସାମନାରେ ଚଉତରା, ଚଉତରା ସେପଟେ କୂଅ ଓ କୂଅ ଉପରେ ନଳକୂପ, ତା ତଳକୁ ମୁନିସପାଲଟି ନଳ ଓ ପାଖକୁ ଲାଗି ଇଲେକଟ୍ରିଖୁଣ୍ଟ, ଖୁଣ୍ଟି ସିଧାରେ ସାରଙ୍କ ଘର ଖୁଂଟିର ତୀର୍ଯ୍ୟକ ସେ ପଡିଆ ଓ ତା ପରକୁ କ୍ଷତିମାଉସୀଙ୍କ ଘର ଆଉ ସେଇ କାନ୍ଥରେ କ୍ଷତି ମାଉସୀ। ନହେଲେ ବି କେହି ଜଣେ !

ଆଜି ପର୍ଯ୍ୟନ୍ତ ଥିବା ବିଶ୍ୱାସକୁ ଅବିଶ୍ୱାସ ରେ ପରିଣତ କରିବାର ସାହାସ ଓ ଧର୍ଯ୍ୟ ତଥା ମୋ ମନର ବଳିଷ୍ଠ ପ୍ରମାଣ ମତେ ପାହାଚ ଦେଇ ଚଉତରାର ଗୋଟିଏ ମୁଣ୍ଡରେ ଠିଆ ହେବା ଯାଏଁ ରାସ୍ତା କଢ଼େଇଲା। ମୋ ଡାହାଣ ପାର୍ଶ୍ୱରେ ଦୁରକୁ ଚାହିଁଲେ ବଡମାଇଁ ରୁଟି କରି ଡାଲମାର ଛୁଙ୍କ ଦେଉଛନ୍ତି ବୋଧହୁଏ, ଅନ୍ୟ ଘରର ଝରକା କବାଟ ଫାଙ୍କ ଦେଇ କିଛି ଲାଇଟ ପଡୁଛି, ହେଲେ ବାହାରେ କେହି ନାହିଁ, ତଥାପି ରାସ୍ତା ରେ କାଁ ଭାଁ କିଏ ପାଦରେ ତ କିଏ ସାଇକେଲରେ ତ କେବେ କେବେ ରିକ୍ସା ବାଲାଟିଏ ଯାଉଛି ଯାତ୍ରୀ ନେଇ ବା କେବେ ଘଣ୍ଟି ଟିନ ଟିନ କରି, ତ ସାହାସ ବଢିଯାଉଛି ମୋର, ଅବିଚଳିତ ଅବସ୍ଥାରେ ରାତିରେ ସେ ନିଛାଟିଆ ପଡିଆରେ ସତରେ କଣ କ୍ଷତିମାଉସୀଙ୍କ ପ୍ରେତାତ୍ମା ? ଆଉ ଟିକେ ଆଗକୁ ଗଲି, କୂଅ ମୂଳରୁ ଆସିଥିବା ନଳା, ଚଉତରା ଧାରେ ଧାରେ, ସେଥିରେ ଗୋଡ଼ ପଶିଗଲା ତଥାପି ମୋ ନିଜ କଥା ମୁଁ ଦୋହରେଇ ଆଗକୁ ବଢ଼ିଲି ଆଉ ଭାବିଲି ଯଦି ପ୍ରକୃତରେ କ୍ଷତିମାଉସୀ ତେବେ ଡରିବାର କଣ ଅଛି ? ହେଲେ ଗୋଟାପଣେ ଝାଳ ଦେହସାରା, ଆଉଟିକେ ବଢ଼ିଲି, ଚଉତରାର ଚତୁର୍ପାର୍ଶ୍ୱରେ ବସିବାପାଇଁ ଉଦିଷ୍ଟ ଚାରିଗୋଟି ଚୌକି ଭିତରୁ ପ୍ରଥମଟି ମୋ ରୁମ ସାମନା, ତାକୁ ଟପି ସାରି ମୁଁ ଦ୍ୱିତୀୟ ଚୌକି ପାଖାପାଖି, ତାକୁ ଲାଗି କୂଅ, ମୁଁ ସେ ଯାଏଁ ସ୍ଥିର ଅପଲକ ଦୃଷ୍ଟି ରେ ଚାହିଁଲି, ସତରେ କଣ କ୍ଷତି ମାଉସୀ ?ସ୍ୱେ ମୁଁ ଆଉ ବଡମାଇଁଙ୍କୁ ଦେଖିପାରୁନଥିଲି, ବରଂ କାଁ ଭାଁ ଯାଉଥିବା ଲୋକ ମୋ ଆଡକୁ ଦୃଷ୍ଟି ପହଁରେଇ ନେଉଥିଲେ, ମୁଁ ବି ଭାବୁଥିଲି ପଛକୁ ଫେରିଯାଇ ପାହାଚ ଚଢି ଦାଣ୍ଡଦୁଆର ଟପି ଦାଣ୍ଡ କବାଟ କିଳି ଶୋଇଯିବି ନହେଲେ ବଡମାଇଁଙ୍କ ପାଖକୁ ଦଉଡିଯାଇ କହିବି ରୁଟି ସରିଲାଣି କି ମତେ ଖାଇବାକୁ ଦିଅ, ହେଲେ ସେ ଯଦି ମତେ ପଚାରନ୍ତି, ଏମିତି ଝାଳ କାହିଁ ବୋହି ଯାଉଛି ? ଯଦି ପଚାରନ୍ତି ମୁଁ ତ ନେଇ ଦେଇ ଆସିବି କହିଥିଲି ତମେ କାହିଁ ଆସିଲ ? କି ଉତ୍ତର ଦେବି ? ତଥାପି ସାହସ କରି ଚାହିଁଲି ପଡିଆକୁ ଆଉ ହାତ ଗୋଡ଼ ଲମ୍ୱେଇ କ୍ଷତିମାଉସୀ ବସିଥିବାର ଦେଖିପାରିଲି।

ସାକ୍ଷୀଗୋପାଳ, ପୁରୀ
୯୦୪୦୯୭୭୩୨୭

ଜାତୀୟ ଚେତନା
JATIYA CHETANA



# ଶ୍ରୀଲଙ୍କାକୁ ୬ ୱିକେଟ୍‌ରେ ହରାଇଲା ଭାରତ

କଲମ୍ବୋ,(ଏଜେନ୍ସି): ସ୍ଥାନୀୟ ନନ୍ଦିସ୍କ୍ରିପ୍ଟ କ୍ରିକେଟ୍ କ୍ଲବ୍ (ଏନ୍‌ସିସି) ଗ୍ରାଉଣ୍ଡରେ ଖେଳାଯାଇଥିବା ତିନିଦିନିଆ ଅଭ୍ୟାସ ମ୍ୟାଚ୍‌ରେ ଶ୍ରୀଲଙ୍କା ଏକାଦଶ ବିପକ୍ଷରେ ଟିମ୍ ଇଣ୍ଡିଆ ୬ ୱିକେଟ୍‌ରେ ବିଜୟୀ ହୋଇଛି। ଅନ୍ତିମ ଓଭରରେ ଭାରତକୁ ବିଜୟ ପାଇଁ ୧୬ ରନ୍‌ର ଆବଶ୍ୟକତା ଥିବାବେଳେ ମହମ୍ମଦ ସିରାଜ୍ ପ୍ରଥମ ତିନିଟି ବଲ୍‌ରେ ଲଗାତାର ୩ ଛକା ମାରି ଟିମ୍‌କୁ ବିଜୟ ଦେଇଛନ୍ତି। ସିଭ୍ ମାତ୍ର ୧୫ ବଲ୍‌ରେ ୩୨ ରନ୍ କରି ଅପରାଜିତ ରହିଥିଲା। ଏହା ଅଭ୍ୟାସ ମ୍ୟାଚ୍ ହୋଇଥିବାରୁ ଶେଷ ଓଭରରେ ସମସ୍ତ ୬ ବଲ୍ ପକାଯାଇଥିଲା। ତେବେ କ୍ୟାପଟେନ୍ ଶୁଭମନ ଗିଲ୍‌ଙ୍କ ପଡ଼ିଆକୁ ପ୍ରତ୍ୟାବର୍ତ୍ତନ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସବୁଠୁ ଆଶ୍ୱସ୍ତିର ବିଷୟ ହୋଇଛି।



ଆଙ୍ଗୁଠିରେ ଆଘାତ କାରଣରୁ ପ୍ରଥମ ଦୁଇଦିନ ବାହାରେ ରହିଥିବା ଗିଲ୍ ଦ୍ୱିତୀୟ ଇନିଂସ୍‌ରେ ଯଶସ୍ୱୀ ଜୟସ୍ୱାଲଙ୍କ ସହ ଓପ୍ନିଂ କରି ୧୦୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ଯଶସ୍ୱୀ ୪୬ ବଲରେ ୬୧ ରନ୍ କରି ରିଟାୟର୍ଡ ହର୍ଟ ହୋଇ ଫେରିଥିବା ବେଳେ ଗିଲ୍ ୪୪ ରନ୍ କରି ଆଉଟ୍ ହୋଇଥିଲେ। କିନ୍ତୁ ତାଙ୍କ ଫିଟ୍‌ନେସ୍‌କୁ ନେଇ ସମସ୍ତ ଚିନ୍ତା ଦୂର ହୋଇଛି।

ଭାରତୀୟ ଟିମ୍ ପାଇଁ ଏହି ଅଭ୍ୟାସ ମ୍ୟାଚ୍ ପ୍ରତ୍ୟେକ ଦିଗରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ଶ୍ରୀଲଙ୍କା ଏକାଦଶ ପ୍ରଥମ ଇନିଂସ୍ ୩୬୩/୮ର ବିଶାଳ ସ୍କୋରରେ ଘୋଷଣା କରିଥିଲା। ନିସାନ୍ ମଦୁଶଙ୍କା ୬୬, ରବିନ୍ଦୁ ରସାନ୍ଥା ୭୧ ଏବଂ ସୋନାଲ ଦିନୁଷା ୫୨ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ଏହାର ଜବାବରେ ଭାରତ ଦେବଦତ୍ତ ପାଡିକ୍କଲ୍‌ଙ୍କ ଅପରାଜିତ ୧୪୨ ରନ୍‌ର ଚମତ୍କାର ଶତକୀୟ ଇନିଂସ୍ ଏବଂ ରବୀନ୍ଦ୍ର ଜାଡେଜାଙ୍କ ଗୁରୁତ୍ୱପୂର୍ଣ୍ଣ ୬୩ ରନ୍ ବଳରେ ପ୍ରଥମ ଇନିଂସ୍ ୩୫୭/୬ରେ ଘୋଷଣା କରିଥିଲା। ଫଳରେ ଶ୍ରୀଲଙ୍କା ପ୍ରଥମ ଇନିଂସ୍ ଆଧାରରେ ୬ ରନ୍‌ର ସାମାନ୍ୟ ଅଗ୍ରଣୀ ମିଳିଥିଲା। ଦ୍ୱିତୀୟ ଓଭରରେ ଶ୍ରୀଲଙ୍କା ଏକାଦଶ ମଦୁଶଙ୍କାଙ୍କ ୬୩ ରନ୍ ସହାୟତାରେ ୨୦୦/୬ ସ୍କୋରରେ ଇନିଂସ୍ ଘୋଷିତ କରିଥିଲା। ଭାରତ ପକ୍ଷରୁ ଗୁରନୁର୍ ବ୍ରାର୍ ଓ ରବୀନ୍ଦ୍ର ଜାଡ଼େଜା ୨-୨ ୱିକେଟ୍ ନେଇଥିଲେ। ଏହାପରେ ୪୫ ଓଭରର ସ୍ୱତନ୍ତ୍ର ନିୟମ ଅନୁସାରେ ଭାରତ ପାଇଁ ୨୦୭ ରନ୍‌ର ବିଜୟ ଲକ୍ଷ୍ୟ ମିଳିଥିଲା। ଲକ୍ଷ୍ୟର ପିଛା କରି ଭାରତୀୟ ଟିମ୍ ରୋମାଞ୍ଚକର ଭାବେ ଅନ୍ତିମ ଓଭରରେ ସିରାଜ୍‌ର ଆକାଶଛୁଆଁ ଛକା ଦମ୍‌ରେ କେବଳ ୪ ୱିକେଟ୍ ହରାଇ ବିଜୟୀ ହୋଇଛି।

# ଗଲ୍ ଗ୍ୟାଲେଣ୍ଟ୍ ଜିତିଲା ପ୍ରଥମ ଏଲ୍‌ପିଏଲ୍ ଟାଇଟଲ୍

କଲମ୍ବୋ,(ଏଜେନ୍ସି): ଗଲ୍ ଗ୍ୟାଲେଣ୍ଟ୍ ଫାଇନାଲ୍ ମ୍ୟାଚ୍‌ରେ ଜାଫ୍ନା କିଙ୍ଗସ୍‌କୁ ୫ ୱିକେଟ୍‌ରେ ହରାଇ ପ୍ରଥମ ଥର ଲଙ୍କା ପ୍ରିମିୟର୍ ଲିଗ୍ (ଏଲ୍‌ପିଏଲ୍) ଟାଇଟଲ୍ ନିଜ ନାମରେ କରିଛି। କମ୍ ସ୍କୋର୍‌ର ମ୍ୟାଚ୍‌ରେ ଗଲ୍‌ର ବିଜୟ ମୂଳଦୁଆ ବୋଲର୍‌ମାନେ ରଖିଥିଲେ। ଚରିଥ ଅସଲଙ୍କା ଓ ଈଶାନ୍ ମାଲିଙ୍ଗା ମିଳିତ ଭାବେ ୬ ୱିକେଟ୍ ଅକ୍ତିଆର କରି ଜାଫ୍ନା ଇନିଂସ୍‌କୁ ୧୨୩ ରନ୍‌ରେ ସୀମିତ କରିଦେଇଥିଲେ। ଏହାପରେ ଗଲ୍ ୨୫ ବଲ୍ ବାକିଥାଇ ପାଞ୍ଚ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିଦେଇଛି। ଜାଫ୍ କିଙ୍ଗସ ପ୍ରଥମେ ବ୍ୟାଟିଂ କରି ୧୨୩ ରନ୍ କରିଥିଲା। ୱିକେଟ୍‌କିପର୍ ଓ ଓପ୍ନିଂ ବ୍ୟାଟର୍ କାମିଲ ମିଶାରା ଟିମ୍ ପକ୍ଷରୁ ୩୨ ବଲ୍‌ରେ ସର୍ବାଧିକ ୪୧ ରନ୍ କରିଥିଲେ। ତେବେ ଈଶାନ୍ ମାଲିଙ୍ଗା ୧୩ଶ ଓଭର୍‌ରେ ତାଙ୍କ ଇନିଂସ୍‌ର ଅନ୍ତ ଘଟାଇଥିଲେ। ଚାମୁନ୍ଦୁ ବିକ୍ରମାସିଂଘେ ୧୬ ବଲ୍‌ରେ ୨୫ ରନ୍ କରି ଜାଫ୍ନା ଇନିଂସ୍‌କୁ ଆଗେଇ ନେବାକୁ ପ୍ରୟାସ କରୁଥିଲେ ମଧ୍ୟ ଗଲ୍ ବୋଲର୍ ତାଙ୍କୁ ହାତଖୋଲା ଖେଳିବାକୁ ଦେଇନଥିଲେ। ଚରିଥ ଅସଲଙ୍କା ୩ ୱିକେଟ୍ ନେଇ ଜାଫ୍ନା ମିଡିଲ୍ ଅର୍ଡର ଧ୍ୱଂସ କରିଥିବା ବେଳେ ମାଲିଙ୍ଗା ମଧ୍ୟ ତିନିଟି ୱିକେଟ୍ ନେଇଥିଲେ। ଏହା ସହିତ ମାଲିଙ୍ଗା ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୧୭ ୱିକେଟ୍ ନିଜ ନାମରେ କରିଥିଲେ।

୧୨୪ ରନ୍‌ର ପିଛା କରୁଥିବା ଗଲ୍‌ର ଆରମ୍ଭ ମଧ୍ୟ ଭଲ ନଥିଲା ଏବଂ ପ୍ରଥମ ଓଭର୍‌ରେ ହିଁ ସାମ୍ ହାର୍ପର୍ ପ୍ୟାଭିଲିୟନ୍ ଫେରିଥିଲେ। ଏହାପରେ ଅଷ୍ଟ୍ରେଲୀୟ ବ୍ୟାଟର୍ ଟମ୍ ରୋଜର୍ସ ଇନିଂସ୍ ସମ୍ଭାଳି ୨୭ ବଲ୍‌ରେ ୩୪ ରନ୍ କରି ଟିମ୍‌କୁ ଆଗେଇ ନେଇଥିଲେ। ମାତ୍ର ୯ମ ଓଭରରେ ସାକିଲ୍ ଅଲ୍ ହସନ୍ ଲଗାତାର ଦୁଇଟି ୱିକେଟ୍ ନେଇ ଜାଫ୍ନାର ପ୍ରତ୍ୟାବର୍ତ୍ତନ ଆଶା ଉଜ୍ଜୀବିତ କରିଥିଲେ। ସେ ରୋଜର୍ସ ଓ ଦିନୁରା କଲୁପହାନାଙ୍କୁ ଆଉଟ୍ କରିଥିଲେ। କଲୁପହାନା ୧୯ ବଲ୍‌ରେ ୩୧ ରନ୍ କରିଥିଲେ। ଏହାର କିଛି ସମୟ ପରେ ଚାମିକା କରୁଣାରତ୍ନେ ମଧ୍ୟ ଆଉଟ୍ ହୋଇଥିଲେ। ତେବେ ଚାପରେ ମଧ୍ୟ ଟିମ୍ ସଂଯମ ହରାଇ ନଥିଲା ଏବଂ ଦାସୁନ୍ ଶନାକା ଓ ସହାନ୍ ଆରାଚିଗେ ଦାୟିତ୍ୱ ନେଇ ଟିମ୍‌କୁ ୫ ୱିକେଟ୍‌ରେ ବିଜୟୀ କରାଇବା ସହିତ ଇତିହାସ ରଚିଥିଲେ। ଏହି ବିଜୟ ସହ ଗଲ୍ ଗ୍ୟାଲେଣ୍ଟ୍ ପ୍ରଥମ ଥର ଏଲ୍‌ପିଏଲ୍ ଟ୍ରଫି ନିଜ ନାମରେ କରିଛି।

# ହାଇ ଜମ୍ପ୍‌ରେ ବସନ୍ତ କୁମାରଙ୍କୁ ଐତିହାସିକ ରୌପ୍ୟ

ୟୁଜିନ୍,(ଏଜେନ୍ସି): ଓରେଗନ୍‌ର ୟୁଜିନ୍‌ରେ ଚାଲିଥିବା ୨୦ ବର୍ଷରୁ କମ୍ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ଶନିବାର ଭାରତ ପାଇଁ ସ୍ମରଣୀୟ ଦିନ ହୋଇଛି। ବସନ୍ତ କୁମାର ମେଘୱାଲ୍ ଚାମ୍ପିଅନ୍‌ଶିପ୍‌ରେ ହାଇ ଜମ୍ପ ପଦକ ଜିତିବାରେ ପ୍ରଥମ ଭାରତୀୟ ହୋଇଥିବା ବେଳେ ଶାହନୱାଜ୍ ଖାନ୍ ଲଙ୍ଗ୍ ଜମ୍ପ୍‌ରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଏହା ସହିତ ଚାମ୍ପିଅନ୍‌ଶିପ୍‌ରେ ଭାରତର ପଦକ ସଂଖ୍ୟା ତିନିରେ ପହଞ୍ଚିଛି।

ରାଜସ୍ଥାନର ଶ୍ରୀ ଗଙ୍ଗାନଗର ଜିଲ୍ଲାର ସୀମାନ୍ତ ସହର ଅନୁପଗଡ଼ର ବାସିନ୍ଦା ୧୯ ବର୍ଷୀୟ ମେଘୱାଲ ଶନିବାର ଚାମ୍ପିଅନ୍‌ଶିପ୍‌ର ଚତୁର୍ଥ ଦିନରେ ତାଙ୍କର ସର୍ବୋତ୍ତମ ପ୍ରଦର୍ଶନ କରି ୨.୨୧ ମିଟର ଜମ୍ପ କରି ରୌପ୍ୟ ପଦକ ଜିତିଛନ୍ତି। ବସନ୍ତ ପ୍ରଥମେ ୨.୦୬ ମିଟର, ପରେ ୨.୧୨ ମିଟର ଏବଂ ୨.୧୭ ମିଟର ଉଚ୍ଚ ପାର କରିଥିଲେ। ପରେ ୨.୨୧ ମିଟରର ଚମତ୍କାର ଜମ୍ପ ସହ ପୋଡିୟମ୍ ସ୍ଥାନ ପକ୍କା କରିଥିଲେ। ଶୀର୍ଷ ତିନି ଆଥ୍‌ଲେଟ୍ ସମାନ ୨.୨୧ ମିଟର ଉଚ୍ଚତା ପାର କରିଥିଲେ ମଧ୍ୟ କାଉଣ୍ଟବ୍ୟାକ୍ ନିୟମ ଆଧାରରେ ବସନ୍ତଙ୍କୁ ରୌପ୍ୟ ପଦକ ମିଳିଥିଲା। ଆଲଜେରିଆର ୟୁନିସ୍ ଅୟାଚୀ ସ୍ୱର୍ଣ୍ଣ ଏବଂ ବ୍ରିଟେନ୍‌ର ଓଟିସ୍ ପୁଲ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଭାରତୀୟ ନୌସେନାରେ କାର୍ଯ୍ୟରତ ମେଘୱାଲ ବିଶ୍ୱ ଅଣ୍ଡର-୨୦ ଚାମ୍ପିଅନ୍‌ଶିପ୍‌ରେ ହାଇ ଜମ୍ପ ପଦକ ଜିତିଥିବା ପ୍ରଥମ ଭାରତୀୟ ହୋଇଛନ୍ତି। ପୂର୍ବତନ ଭାରତୀୟ ମହିଳା ହାଇ ଜମ୍ପ ଜାତୀୟ ରେକର୍ଡଧାରୀ ସାହାନା କୁମାରୀଙ୍କ ଅଧୀନରେ ତାଲିମ ନେଉଥିବା ମେଘୱାଲ ଏହି ସିଜନ୍‌ରେ ତାଙ୍କ ପ୍ରଦର୍ଶନରେ ୧୦ ସେଣ୍ଟିମିଟର ଉନ୍ନତି ଆଣିଥିଲେ। ତାଙ୍କର ପୂର୍ବ ବ୍ୟକ୍ତିଗତ ସର୍ବୋତ୍ତମ ୨.୧୧ ମିଟର ଥିଲା।

ପୁରୁଷ ଲଙ୍ଗ୍ ଜମ୍ପ୍‌ରେ ଭାରତର ସାହନୱାଜ୍ ଖାନ୍ ୭.୮୪ ମିଟରର ଶ୍ରେଷ୍ଠ ଜମ୍ପ ସହ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହା ସହିତ ଜୁନିୟର୍ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ର ଲଙ୍ଗ୍ ଜମ୍ପ୍‌ରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ପୁରୁଷ ଆଥ୍‌ଲେଟ୍ ହୋଇଛନ୍ତି। ଏହା ପୂର୍ବରୁ ୨୦୨୧ରେ ଶାଇଲୀ ସିଂହ ମହିଳା ଲଙ୍ଗ୍ ଜମ୍ପ୍‌ରେ ରୌପ୍ୟ ପଦକ ଜିତିଥିଲେ। ସାହନୱାଜ୍ ପ୍ରଥମେ ପଛୁଆ ରହିବା ପରେ ତୃତୀୟ ପ୍ରୟାସରେ ୭.୮୪ ମିଟରର ଜବରଦସ୍ତ ଜମ୍ପ ଲଗାଇ ବିଶ୍ୱର ଉନ୍ନତ ଆଥ୍‌ଲେଟ୍‌ଙ୍କ ମଧ୍ୟରେ ସ୍ଥାନ ହାସଲ ସହିତ ପୋଡିୟମ୍ ଫିନିଶ୍ କରିଥିଲେ। ଇଟାଲୀର ଇନ୍‌ଜୋଲୀ ୭.୯୭ ମିଟର ସହିତ ସ୍ୱର୍ଣ୍ଣ ଏବଂ ଅଷ୍ଟ୍ରେଲିଆର ମ୍ୟାକ୍‌ଗ୍ରୋଡ୍‌ର୍ (୭.୯୬ ମିଟର) ରୌପ୍ୟ ପଦକ ଜିତିଛନ୍ତି। ଫାଇନାଲରେ ପହଞ୍ଚିଥିବା ଦ୍ୱିତୀୟ ଭାରତୀୟ ଆର୍‌ସି ଜିତିନ୍ ଅର୍ଜୁନନ୍ ତାଙ୍କ ପ୍ରଥମ ଏବଂ ଚତୁର୍ଥ ପ୍ରୟାସରେ ୭.୫୯ ମିଟରର ଶ୍ରେଷ୍ଠ ଜମ୍ପ ସହ ଅଷ୍ଟମ ସ୍ଥାନରେ ରହିଥିଲେ।

ଏହା ପୂର୍ବରୁ ଆଶିଷ ଯାଦବ ଚାମ୍ପିଅନ୍‌ଶିପ୍‌ର ତୃତୀୟ ଦିନରେ ପୁରୁଷ ଜାଭେଲିନ୍ ଥ୍ରୋ'ରେ ରୌପ୍ୟ ପଦକ ଜିତି ଭାରତର ଖାତା ଖୋଲିଥିଲେ। ଆଶିଷ ବିଶ୍ୱ ଅଣ୍ଡର-୨୦ ଚାମ୍ପିଅନ୍‌ଶିପ୍‌ରେ ଜାଭେଲିନ୍ ଥ୍ରୋ'ରେ ରୌପ୍ୟ ପଦକ ଜିତିଥିବା ଦ୍ୱିତୀୟ ଭାରତୀୟ ହୋଇଥିଲେ। ତାଙ୍କ ପୂର୍ବରୁ ନୀରଜ ଚୋପ୍ରା ଏହି ସଫଳତା ହାସଲ କରିଥିଲେ।

# ମନ



ହସ୍ତିନୀର ସୁରଭିତ ସ୍ୱର୍ଣ୍ଣ ଲାଗି
ପ୍ରମତ୍ତ ହସ୍ତୀ ପତିତ ହୁଏ ମରଣର
ବିକଟ ଗହ୍ୱରେ
ଅଗ୍ନିର ଔଜ୍ଜ୍ୱଲ୍ୟରେ ଆକର୍ଷିତ ହୋଇ
ସେଥିରେ ଝାସଦିଏ ପତଙ୍ଗ
ସାମାନ୍ୟ ରସନା ଲାଳସାକୁ
ରୋକିନପାରି
ବନିଶୀ କଣ୍ଟାରେ ଲାଖିଯାଏ ମୀନ
କଠିନ କାଠକୁ ଭେଦିପାରୁଥିବା ଭ୍ରମର
ମୁଲାୟମ ପଦ୍ମ ପାଖୁଡ଼ାରେ ବନ୍ଦୀ ସାଜି
ଆପଣାଛାଏଁ ଆବାହନ କରେ ମରଣ।
ମନ ଭାରି ଅଝଟିଆ
ତା' ନଟକୁଟିଆ ସ୍ୱଭାବ
ଭିଆଇପାରେ ଅକଳନ କାଣ୍ଡ
ଟହଲେଇପାରେ ସମଗ୍ର ବ୍ରହ୍ମାଣ୍ଡ।

**ଗୋପୀନାଥ ଦାଶ**
ବ୍ରାହ୍ମଣକୁଶଡିହ, ଆଙ୍କୁଲାଚଟୀ, ଖୋର୍ଦ୍ଧା
ମୋ: ୮୦୧୮୮୮୧୪୧୧

# ଚାଷୀକୁଳ ହେଲେ ହତାଶ



ଚାଷୀ କୁଳ ହେଲେ ହତାଶ
ସରିଗଲା ଆମ୍ବ, ପଣସ
ଚାରିଆଡ଼େ ଖାଲି ଭୟଙ୍କର ତାପ
ସତେ କି ବୈଶାଖ ମାସ !
ଚାଷୀ କୁଳ ହେଲେ ହତାଶ !
ଥମିଗଲା ବାଆ ବତାସ
ସଭିଙ୍କ ତୁଣ୍ଡରେ ଗୋଟିଏ କଥା
ଆଉ କି ହୋଇବ ଚାଷ।
ଚାଷୀ କୁଳ ହେଲେ ହତାଶ
ଦେଖୁ ଦେଖୁ ଯିବ ଆଷାଢ଼ ମାସ
ମନେ ବଢ଼ିଗଲା ଚିନ୍ତା ଅଶେଷ
ଆଉ କି ଆସିବ ବରଷା ମାସ।
ଚାଷୀ କୁଳ ହେଲେ ହତାଶ
ନଈ ନାଳ ପାଣି ହୋଇଲା ଶେଷ
ବୁଣା ଧାନ ସବୁ ହୋଇବ ଶେଷ
ଉଠିବନି କିଛି ବାଲୁଙ୍ଗା ଘାସ।
ଚାଷୀ କୁଳ ହେଲେ ହତାଶ
କାହାରି ମୁହଁରେ ନ ଫୁଟେ ହସ
ଅଚ୍ୟୁତ ମାଳିକା ହେବ କି ସତ
କଳିଯୁଗ ସତେ ହୋଇବ ଶେଷ।

**ଛବିଳ କୁମାର ସାହୁ**
କୁଣ୍ଡାପିଠା, ଦେବଗଡ଼
ମୋ: ୯୯୩୮୦୯୯୪୯୬

# ସ୍ୱାଧୀନତା

ପରାଧୀନରୁ ସ୍ୱାଧୀନ ଯାଏ
ରହିଛି ଯେତିକି ବାଟ
ଯିଏ ଚାଲିଛି ସିଏ ଜାଣିଛି
ଖାଇଛି ଅନେକ ଛାଟ।
ଭାରତ ଦେଶ ସ୍ୱାଧୀନ ହେଲା
ଅଗଷ୍ଟ ପନ୍ଦର ଦିନ
ତ୍ରିରଙ୍ଗା ଦେଲା ନୂଆ ସନ୍ଦେଶ
ଭାରତ ଆମ ମହାନ।
ଗୋରା ଶାସନ ପତନ ହେଲା
ଏକତା ବଳ ପାଇଁ
ଧର୍ମର ଚିହ୍ନ ରହିଲା ନାହିଁ
ବିଭେଦତା ଗଲା ନଇଁ।
ଅନେକ ଜାତି ଅନେକ ଧର୍ମ
ଭାରତ ଦେଶରେ ବାସ
ଗୋଟିଏ ସ୍ୱର ଗାଇ ଉଠିଲା
ସ୍ୱାଧୀନ କରିବା ଦେଶ।
ଅହଂକାରକୁ ଦଳି ଚକଟି
ମିଶିଲେ ଏକାଠି ହୋଇ
ସ୍ୱାଧୀନ ଆମ ଭାରତ ହେଲା
ଇତିହାସ ଯାଏ କହି।
ତ୍ରିରଙ୍ଗା ନେତ ଉଡୁଛି ସଦା
ରଖିବା ତାହାର ଟେକ
ମାଆ ମାଟିକୁ ସମ୍ମାନ ଦେଇ
ପୂର୍ବଜଙ୍କୁ ମନେ ରଖ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା

# ତୁମେ ଆଉ ମୁଁ

ତୁମେ ଫେରିଯାଅ
ମୁଁ ଶୋଇପଡ଼ିବି
ତୁମେ ଏବେ ସୁରକ୍ଷିତ
ମୋର ଅସଂଖ୍ୟ
ପ୍ରଶ୍ନର ଭିଡ଼ ଭିତରୁ
ମୁଁ ଶୋଇପଡ଼ିଛି ଚାହିଁ ଦେଖ
ତୁମ ପ୍ରେମିକାର
ଶବଟିଏ ହୋଇ
ପାରିବତ ଥରୁଟିଏ
ବୁଲି ଚାହିଁବ
ତୁମର ସେ ଗୁଣାଭରା
ଆଖିରେ ଦେଖିବ
ମୁଁ ଜିଇଯିବି
ଚିରଦିନ ପାଇଁ
ତୁମ ପ୍ରେମିକାଟିଏ ହୋଇ
ରାତିର ଗାଢ଼ କଳା ଅନ୍ଧାରରେ
ମୁଁ ଲୁଚିଯିବି
ସଭିଙ୍କ ମନରୁ
ତୁମେ ଏବେ ଫେରିଯାଅ
ତୁମର ସେ ସୁନ୍ଦର ଅତୀତକୁ
ଯେଉଁଠି ନ ଥିବ
ମୋ ପ୍ରଶ୍ନର ଭିଡ଼
ନା ଥିବ ତୁମେ ଛୁଇଁଥିବା
ମୋ ଗୋଲାପୀ ଓଠ।

**କିରଣ ମନୀଷା ମହାନ୍ତି**
ରେଞ୍ଜ, ତେଲାଙ୍ଗ, ପୁରୀ-୬

ଜାତୀୟ ଚେତନା
JATIYA CHETANA



## ଚରିତ୍ର ଖୁବ ଚାଲେଞ୍ଜିଂ

ଛତ୍ରପତି ଶିବାଜୀ ମହାରାଜଙ୍କ କଳାକାର ତାଲିକାରେ ଆଉ ଜଣେ ଷ୍ଟାର୍ ଯୋଡ଼ି ହୋଇଛନ୍ତି। ଅଭିନେତ୍ରୀ ଭୂମି ପେଡ୍‌ନେକର୍ ଏହି ପ୍ୟାନ୍-ଇଣ୍ଡିଆ ପ୍ରୋଜେକ୍ଟରେ ସାମିଲ ହୋଇଥିବାନେଇ ସୂଚନା ମିଳିଛି। ସେ ଏଥିରେ ଐତିହାସିକ ବୀର ଯୋଦ୍ଧା ରାଣୀ ବେଲାବତୀ ମଲ୍ଲଙ୍କ ଭୂମିକାରେ ଅଭିନୟ କରିବେ। 'କାନ୍ତାରା' ଫେମ୍ ରିଷଭ ଶେଟ୍ଟୀ ମରାଠା ସାମ୍ରାଜ୍ୟର ମହାନ ଶାସକ ଛତ୍ରପତି ଶିବାଜୀ ମହାରାଜଙ୍କ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବେଳେ ଭୂମିକା ପାଇଁ ଏହି ଚରିତ୍ର ଖୁବ୍ ଚ୍ୟାଲେଞ୍ଜିଂ। ଏହି ଚଳଚ୍ଚିତ୍ରରେ ଅଭିନୟ କରିବା ତାଙ୍କ ପାଇଁ ଏକ ବଡ଼ ସମ୍ମାନର ବିଷୟ ବୋଲି ଭୂମି ମତ ଦେଇଛନ୍ତି। ସନ୍ଦୀପ ସିଂହଙ୍କ ନିର୍ଦ୍ଦେଶନା ଓ ପ୍ରଯୋଜନାରେ ଦୁଇଟି ଭାଗରେ ନିର୍ମିତ ହେବାକୁ ଥିବା ଏହି ସିନେମାରେ ରାଜମାତା ଜିଜାବାଈଙ୍କ ଭୂମିକାରେ ଶେଫାଳୀ ଶାହାଙ୍କ ସମେତ ଅର୍ଜୁନ ରାମପାଲ ଏବଂ ବିବେକ ଓବରୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।





## ବଢ଼ୁଛି ଅଡୁଆ

ରିଆଲିଟି ଶୋ' 'ଲକ୍ ଅପ୍' ସେକେଣ୍ଡ ସିଜନ୍‌ର ସର୍ବଶେଷ ଅଧ୍ୟାୟରେ ପ୍ରତିଯୋଗୀମାନଙ୍କୁ ସାକ୍ଷାତ କରିବା ପାଇଁ ଅତିଥିମାନେ ପ୍ରବେଶ କରିଥିବା ବେଳେ, ଅଭିନେତ୍ରୀ ଶିକ୍ଷା ସିଂହ ଏବଂ ତାଙ୍କ ପୁରୁଣା ବନ୍ଧୁ ବିକାଶ ଗୁପ୍ତାଙ୍କ ସାମନାସାମ୍ନିକୁ ନେଇ କୋରମାରେ ହଙ୍ଗାମା ସୃଷ୍ଟି ହୋଇଛି। ଫାଇନାଲ୍ ସପ୍ତାହର ତାସ ସମୟରେ ବିଶେଷ ଅତିଥି ଭାବେ ଘର ଭିତରକୁ ଆସିଥିବା ବିକାଶ ଗୁପ୍ତା, ସହ-ପ୍ରତିଯୋଗୀ ଶିବାଙ୍ଗୀ ଯୋଶୀ ଏବଂ ରାମ କପୁରଙ୍କ ବିରୋଧରେ ଶିକ୍ଷା କରିଥିବା ଆପତ୍ତିଜନକ ମନ୍ତବ୍ୟ ପାଇଁ ତାଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଶିକ୍ଷାଙ୍କ ସହ କଥା ହେବାକୁ ସିଧାସଳଖ ମନା କରିବା ସହ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କ ସାମ୍ନାରେ ବିକାଶ କହିଥିଲେ ଯେ ନ୍ୟାସନାଲ ଟିଭିରେ ଜଣେ ମହିଳାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଏପରି ନିମ୍ନରୁଚିର ଆଲୋଚନା କରିବା ଠିକ୍ ନୁହେଁ। ସେହିପରି ରାମ କପୁରଙ୍କ ଶରୀର ଗଠନକୁ ନେଇ କଟାକ୍ଷ କରିବା ଅତ୍ୟନ୍ତ ଲଜ୍ଜାଜନକ।



## ମୃଣାଳଙ୍କ କ୍ରିକେଟ୍ ପ୍ରେମ

ବଲିଉଡ୍ ଏବଂ ଭାରତୀୟ କ୍ରିକେଟ୍ ତାରକାଙ୍କ ପ୍ରେମ କାହାଣୀ ସଦାବେଳେ ଚର୍ଚ୍ଚାରେ ରହିଥାଏ। ଏବେ ଏହି ତାଲିକାରେ ଆଉ ଏକ ନୂଆ ନାଁ ଯୋଡ଼ି ହୋଇଛି। ବଲିଉଡ୍ ଓ ସାଉଥ୍ ଅଭିନେତ୍ରୀ ମୃଣାଳ ଠାକୁର ଏବଂ ଟିମ୍ ଇଣ୍ଡିଆର ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ଶ୍ରେୟସ ଆଇୟରଙ୍କୁ ନେଇ କଥାବାର୍ତ୍ତା ଚାଲିଛି। ସୋସିଆଲ ମିଡିଆରେ ଜୋରଦାର ଚର୍ଚ୍ଚା ଚାଲିଛି। ମୁମ୍ବାଇର ବାର୍ ସାମ୍ନାରେ ଥିବା ଏକ କାଫେରୁ ଦୁହେଁ ବାହାରୁଥିବାର ଏକ ଭିଡିଓ ଭାଇରାଲ୍ ହେବା ପରେ ଏହି ସନ୍ଦେହ ବଢ଼ିଛି। ଭିଡିଓରେ ପ୍ରଥମେ ମୃଣାଳ କାଫେରୁ ବାହାରୁଥିବା ଦେଖାଯାଇଥିବା ବେଳେ, ତାଙ୍କର କିଛି ସମୟ ପରେ ଶ୍ରେୟସ ସେହି କାଫେରୁ ବାହାରି ନିଜ ଗାଡ଼ି ଆଡ଼କୁ ଯାଉଥିବା ଦେଖିବାକୁ ମିଳିଛି। ଦୁହେଁ ଏକାଠି ପୋଜ୍ ଦେଇ ନଥିଲେ ବି, ଏହା ସମୟରେ ଗୋଟିଏ ସ୍ଥାନରୁ ବାହାରିବା ଲୋକଙ୍କ ଚର୍ଚ୍ଚାର ଖୋରାକ ଯୋଗାଇଛି। ଏହା ସହିତ ଦୁହିଁଙ୍କ ମଧ୍ୟରେ ଥିବା ବୟସର ପାର୍ଥକ୍ୟକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି; ମୃଣାଳଙ୍କ ବୟସ ୩୧ ବର୍ଷ ହୋଇଥିବା ବେଳେ ଶ୍ରେୟସଙ୍କ ବୟସ ୨୯ ବର୍ଷ।

# ଯଶଙ୍କ 'ଟକ୍ସିକ': ସସପେନ୍ସ, ଆକ୍ସନ ଓ ରୋମାନ୍ସରେ ଭରା ଏକ ଗ୍ୟାଙ୍ଗଷ୍ଟର କାହାଣୀ

କନ୍ନଡ଼ ସୁପରଷ୍ଟାର ଯଶଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ଟକ୍ସିକ'ର ଟ୍ରେଲର ରିଲିଜ୍ ହେବା ପରେ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ୟୁଟ୍ୟୁବରେ ଟ୍ରେଲର ଆସିବା ମାତ୍ରେ ହିଁ ଦର୍ଶକଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ଫିଲ୍ମରେ ଯଶଙ୍କର ଦମଦାର ଲୁକ୍, ହଲିଉଡ ଶୈଳୀର ହାଇ-ଭୋଲଟେଜ୍ ଆକ୍ସନ ଏବଂ ରୋମାଞ୍ଚକର ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି।

ଏହି ଚଳଚ୍ଚିତ୍ରରେ ଯଶ ପ୍ରଥମ ଥର ପାଇଁ ପିତା ଓ ପୁଅଙ୍କର ଦ୍ୱିପାକ୍ଷିକ ବା ଡବଲ୍ ରୋଲରେ ନଜର ଆସିବେ। ଏହା ଏକ ବିଗ୍-ବଜେଟ୍ ଗ୍ୟାଙ୍ଗଷ୍ଟର ଆକ୍ସନ-ଥ୍ରୀଲର କାହାଣୀ, ଯେଉଁଥିରେ ପ୍ରତିଶୋଧ, କ୍ଷମତା ଏବଂ ଗଭୀର ପାରିବାରିକ ସମ୍ପର୍କର କାହାଣୀ ରହିଛି। ଗୀତୁ ମୋହନଦାସଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ସିନେମାରେ ସସପେନ୍ସ ଓ ଥ୍ରୀଲରର ଜବରଦସ୍ତ ମିଶ୍ରଣ ଦେଖିବାକୁ ମିଳିବ, ଯାହା ପୂର୍ବର ସବୁ ବକ୍ସ ଅଫିସ ରେକର୍ଡ ଭାଙ୍ଗିଦେବ ବୋଲି ଆଶା କରାଯାଉଛି।

ଦମଦାର ଆକ୍ସନ ସହିତ ଫିଲ୍ମରେ ରୋମାନ୍ସର ଭରପୁର ପୁଟ ରହିଛି। ଯଶଙ୍କ ସହ ଅଭିନେତ୍ରୀ କିଆରା ଆଡ଼ଭାନୀ ଏବଂ ତାରା ସୁତାରିୟାଙ୍କ ଚମତ୍କାର କେମେଷ୍ଟ୍ରି ପରଦାକୁ ଆହୁରି ଜୀବନ୍ତ କରିଦେଇଛି। ଏହା ବ୍ୟତୀତ ନୟନତାରା, ହୁମା କୁରେଶୀ ଏବଂ ରୁକ୍ମିଣୀ ବସନ୍ତଙ୍କ ଭଳି ପ୍ରମୁଖ କଳାକାରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା କାହାଣୀକୁ ଆହୁରି ମୋଡ଼ ଓ ନୂଆ ରୂପ ଦେଇଛି। ଆସନ୍ତା ୨୬ ଅଗଷ୍ଟରେ ଏହି ବହୁଭାଷୀ ଫିଲ୍ମଟି ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି। ଏହା କନ୍ନଡ଼, ହିନ୍ଦୀ, ତାମିଲ, ତେଲୁଗୁ ଏବଂ ମଲାୟାଲମ୍ ଭାଷାରେ ଏକାସାଙ୍ଗରେ ମୁକ୍ତିଲାଭ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ।




Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ